ହରିଜନ ଗାଥା

ରତ୍ନାକର

ହିନ୍ଦୁମାନେ ରାମାୟଣ ଜାଣନ୍ତି । ଏହି ରାମାୟଣର ରଚୟିତା ଥିଲେ ମହର୍ଷି ବାଲ୍ମୀକି । ସେ ରତ୍ନାକର ନାମରେ ପରିଚିତ ।

ମହର୍ଷି ଚ୍ୟବନ ରତ୍ନାକରଙ୍କ ପିତା ଓ ପରମ ଗୁଣବତୀ ସୁକନ୍ୟା ତାଙ୍କର ଜନନୀ ଥିଲେ । ରତ୍ନାକର ପିତାଙ୍କ ପରି କୁଳୋଚିତ ନିଷ୍ଠା ଓ ବ୍ରହ୍ମଚର୍ଯ୍ୟ ବିଧି ପାଳନ କରି ଦିନଯାପନ କରୁଥିଲେ । ଦିନେ ସେ ଆଶ୍ରମ ନିକଟବର୍ତ୍ତୀ ତମସା ନଦୀ କୂଳରେ ପୁଷ୍ପ, ଫଳ ଓ ସମିଧ ସଂଗ୍ରହରେ ବ୍ୟସ୍ତ ଅଛନ୍ତି, ଏତିକିବେଳେ ନଦୀ ଗର୍ଭରୁ 'ରକ୍ଷାକର ରକ୍ଷାକର' ଏ ବିଳାପ ଧ୍ୱନି ଶୁଣି ପାରିଲେ । ହଠାତ୍ ସେଠାକୁ ଦୌଡ଼ିଯାଇ ଦେଖିଲେ—ନଦୀ ସ୍ରୋତରେ ଗୋଟିଏ ସ୍ତ୍ରୀ ଭାସି ଯାଉଛନ୍ତି । ରତ୍ନାକର ପ୍ରାଣପଣ ଯତ୍ନ କରି ତାହାକୁ ନଦୀ ଗର୍ଭରୁ ଉଦ୍ଧାର କଲେ । ବୁଝିନେଲେ ସେ ଅରଣ୍ୟବାସିନୀ ଭିଲ୍ ବାଳିକା ମାତଙ୍ଗୀ ।

ମାତଙ୍ଗୀ ଯୌବନରେ ପଦାର୍ପଣ କରିଥିଲା । ତାର ଅପୂ ସୌନ୍ଦର୍ଯ୍ୟରେ ରତ୍ନାକର ମୁଗ୍ଧ ହୋଇଗଲେ । ମାତଙ୍ଗୀ ମଧ୍ୟ ରତ୍ନାକରଙ୍କୁ ମୁହୂର୍ତ୍ତିକ ମଧ୍ୟରେ ନିଜର ସର୍ବସ୍ୱ ମନେ ପତିରୂପେ ବରଣ କରିବାକୁ ମନସ୍ଥ କରିନେଲା । କିନ୍ତୁ ପରି ବ୍ରାହ୍ମଣ ସମକ୍ଷରେ ଆତ୍ମକଥା ପ୍ରକାଶ କରିବାକୁ ସାହସ କରି ପାରିଲା ନାହିଁ ।

କିଛି ସମୟ ପରେ କିନ୍ତୁ ସେ କୃତଜ୍ଞତା ଜଣାଇ ସେଠାରୁ ପ୍ରସ୍ଥାନ କଲେ । ମାତ୍ର ରତ୍ନାକର ସେହି ସୁନ୍ଦରୀକୁ ପାଶୋରି ପାରିଲେ ନାହିଁ । ତାଙ୍କ ହୃଦୟ ଯେପରି ମାତଙ୍ଗୀର ରୂପ ସ୍ରୋତରେ ଭାସିଗଲା । ସେହି ଦିନଠାରୁ ସେ ସବୁ କାର୍ଯ୍ୟରେ ନିତାନ୍ତ ଅମନଯୋଗ ହୋଇ ପଡ଼ିଲେ । ଧ୍ୟାନରେ, ଚିନ୍ତାରେ ଏପରିକି ଦେବାରାଧନାରେ ମଧ୍ୟ ସେ ଦେବତାର ପ୍ରତିମୂର୍ତ୍ତି ପରିବର୍ତ୍ତେ ମାତଙ୍ଗୀର ସେହି ଲାବଣ୍ୟମୟୀ ମୂର୍ତ୍ତି ଦେଖିବାକୁ ପାଇଲେ । ତେଣୁ ସେ ଅଗତ୍ୟା ଆଶ୍ରମ ତ୍ୟାଗ କରି ମାତଙ୍ଗୀ ସହିତ ଭିଲ୍ ପଲ୍ଲୀରେ ବାସ କଲେ ।

ଆଜି ଭିଲ୍ ସର୍ଦ୍ଦାର ରତ୍ନାକରଙ୍କୁ ପାଇ ପରମ ଆନନ୍ଦିତ । କିଛି ଦିନ ପରେ ସେ ତାଙ୍କୁ ନିଜର କନ୍ୟା ସଂପ୍ରଦାନ କରି ସମସ୍ତ ସମ୍ପତ୍ତି ଯୌତୁକରୂପେ ପ୍ରଦାନ କଲେ । ଏହାପରେ ଭିଲ୍ ସର୍ଦ୍ଦାରଙ୍କ ମୃତ୍ୟୁ ଘଟିଲା । ବର୍ତ୍ତମାନ ରତ୍ନାକର ଭିଲ୍‌ମାନଙ୍କର ଗଡ଼ା । ସମସ୍ତେ ତାଙ୍କ ଆଦେଶର ବଶବର୍ତ୍ତୀ ।

କ୍ରମେ ରତ୍ନାକର ନିଜ ବ୍ରାହ୍ମଣତ୍ୱରେ ଜଳାଞ୍ଜଳି ଦେଇ ସୁରାପାନ, ମାଂସାହାର, ବ୍ୟଭିଚାର, ଚୋରି, ଡକାୟତିକୁ ନିତ୍ୟକର୍ମ-ରୂପେ ଗ୍ରହଣ କଲେ । ପ୍ରତିଦିନ ଜୀବହତ୍ୟା ନ କଲେ, ଲୁଣ୍ଠନ ନ ପାରିଲେ, ସେ ନିଜ କର୍ତ୍ତବ୍ୟରେ ତ୍ରୁଟି କରିଛନ୍ତି ବୋଲି ଲେ । ସେ ଦିନ ତାଙ୍କ ହୃଦୟରେ ଆନନ୍ଦ ନ ଥାଏ, ଶାନ୍ତି ନାହିଁ । ଏ କାରଣରୁ ସେ ଲୋକ ମୁଖରେ 'ରତନ ଚୋର' ପାଇଥିଲେ ।

ଦିନେ ରତନ ବିଶାଳ ଲୌହ ମୁଦ୍‌ଗର ଧରି ବନଭ୍ରମଣରେ ବ୍ୟସ୍ତ, ଦେଖିଲେ ଦୂର୍ ନିକଟରେ ସାତ ଜଣ ତପସ୍ୱୀ ଗୁଲି

ଯାଉଥନ୍ତି । ସେମାନଙ୍କର ସୁନ୍ଦର କଳେବର, ଅପୂର୍ବ ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ଅଜ୍ଞ ଲୁଟେରର ଖାଦ୍ୟ ମିଳୁଛି ବୋଲି ଭାବି ରତନ



୧

ଚତୁର୍ଦ୍ଦିଗକୁ ଦୃଷ୍ଟି ନିକ୍ଷେପ କଲା । ତା ପରେ ସେ ମୁଦ୍ଗର ଉତ୍ତୋଳନ କରି, ହୁଙ୍କାର ରବରେ ସେମାନଙ୍କ ନିକଟ ଧାବିତ ହେଲା ।

ହଠାତ୍ ଦସ୍ୟୁର ଏ ଆକ୍ରମଣ ତପସ୍ୱୀମାନଙ୍କ ମନରେ ଆଶଙ୍କା ଜାତ କଲା । ସେମାନେ କୋମଳ କଣ୍ଠରେ କହିଲେ—'ବାବୁ, ଅକାରଣ ନିରୀହ ବ୍ରାହ୍ମଣ ଉପରେ ଅତ୍ୟାଚାର କରିବାକୁ ମନ ବଳାଉଛ କାହିଁକି, ଜାଣି ଜାଣି ଏ ମହା ପାପରେ ଲିପ୍ତ ହେଉଛ କି ସକାଶେ ?

"ଜୀବହତ୍ୟା, ଲୁଣ୍ଠନ, ସୁରାପାନ ତ ମୋର ନିତ୍ୟବ୍ରତ । ଏଥିରେ ପାପ ପୁଣି ଗୋଟାଏ କଣ ? ଏ ତ ମୋର ଦୈନନ୍ଦିନ କର୍ତ୍ତବ୍ୟ । ନିଜ କର୍ତ୍ତବ୍ୟରେ ତୁମେ କେବେ ଅବହେଳା କରୁଛ ବ୍ରାହ୍ମଣ ? କର୍ତ୍ତବ୍ୟ ଅବହେଳା ତ ପାପ । କେବେ କେଉଁଠାରେ ଶୁଣିଛ କହିବ କିପରି ?" ରତନ ହସି ହସି ଏ ଉତ୍ତର ଦେଲା । ତାର ଏଇ ହସରେ ପୈଶାଚିକ ଭାବ ସ୍ପଷ୍ଟ ଫୁଟି ଉଠୁଥିଲା ।

ବୃଦ୍ଧ ସନ୍ନ୍ୟାସୀ କହିଲେ—"ବାପା, ବୁଝି ପାରୁନ; ଏସବୁ ପାପକାର୍ଯ୍ୟ କରି ତୁମେ ଯେ ଧନ ଉପାର୍ଜ୍ଜନ କରୁଛ, ଏଥିରେ ଯେ ଅପରାଧ ହେଉଛି ସେଥିରୁ ତୁମ ସ୍ତ୍ରୀ କିମ୍ବା ବନ୍ଧୁମାନେ ଅଂଶ ଗ୍ରହଣ କରୁଛନ୍ତି ତ ? ଯାଅ ପଚାରି ଆସ । ଅବିଶ୍ୱାସ କରନା; ଆମ୍ଭେମାନେ କଦାପି ଏଠାରୁ ପଳାଇ ଯିବୁନାହିଁ ତୁମେ ଯେପରି ଯାଏ ବରାବର ରହିଥିବୁ ।"

ରତନ ପଣ୍ଡିଙ୍କୁ ଫେରି ଆସି ନିଜର ଭଲ ବନ୍ଧୁମାନଙ୍କୁ ...ଲା । ଉତ୍ତର ମିଳିଲା—"ତୁମେ ଆମର ସର୍ଦ୍ଦାର, ରାଜା । ... ପ୍ରଦେଶର ଶାନ୍ତିବିଧାନ ତୁମର ଧର୍ମ । ଏଥିରେ ପାପ ଅର୍ଜ୍ଜନ ... ସେ ସବୁ ତୁମର, ଆମର ନୁହେଁ ।" ସେଠାରୁ ବିମୁଖ ହୋଇ ନିଜ ପତ୍ନୀ ମାତଙ୍ଗୀକୁ ପଚାରିଲା । ସେ ମଧ୍ୟ କହିଲା—ତୁମେ ବ୍ରାହ୍ମଣ ହୋଇ ନିଜେ ନିଜେ ମୋତେ ଆଣି ରକ୍ଷା କରିଛ; ମୁଁ

ତୁମର ସ୍ତ୍ରୀ, ମୋତେ ରକ୍ଷା କରିବା ତୁମର ଧର୍ମ । ଯଦି ରୂପେ ତୁମେ ଏଇ କର୍ତ୍ତବ୍ୟ ଲାଗି ଯେଉଁ ପାପ କର ତାହା ତୁମର, ମୋର ନୁହେ । ପୁତ୍ର କନ୍ୟାମାନେ ମଧ୍ୟ ଏ ଉତ୍ତର ଦେଲେ ।

ବିମର୍ଷରେ ରତନ ବାହୁଡ଼ି ଆସି ଋଷିମାନଙ୍କୁ ଏସବୁ କଥା ଜଣାଇ ଦେଲା । ବୃଦ୍ଧ କହିଲେ—'ଯେଉଁମାନଙ୍କ ପାଇଁ ତୁମେ ତୁମର ଜୀବନ ସୁଦ୍ଧା ଦେବାକୁ କୁଣ୍ଠିତ ନୁହଁ, ଏବେ ସେହିମାନଙ୍କ କଥା ତ ଶୁଣିଲ, ସେମାନଙ୍କଠାରୁ ସହାନୁଭୂତି ତ ପାଇଲ, ବର୍ତ୍ତମାନ ଆଉ କଣ ଭାବୁଛ ?'

ଗୋଟାଏ ଦୀର୍ଘ ନିଶ୍ୱାସ ତ୍ୟାଗ କରି ରତନ ଉତ୍ତର ଦେଲା, "ମହର୍ଷି, ଆପଣମାନେ ମୋତେ ପ୍ରକୃତ ମାର୍ଗ ଦେଖାଇଛନ୍ତି ? ଏବେ କଅଣ କରିବ କହନ୍ତୁ । ମୁଁ ଅଧମ ଯେଉଁ ସବୁ ପାପକର୍ମ କରିଛି ତାହା ଏବେ ମଧ୍ୟ ଭାବିଲେ ମୋ ହୃଦୟ ଥରି ଉଠୁଛି । ଏହା ତେବେ କଅଣ ସେ ପାପର ପ୍ରାୟଶ୍ଚିତ୍ତ ନୁହେ କି ?"

ବୃଦ୍ଧ କହିଲେ—"ଏ ପୃଥିବୀରେ ନାହିଁ କଅଣ ବାବୁ ? ଥରେ ନିଜ କୃତ କୁକର୍ମ ପାଇଁ ଅନୁତାପ କଲେ ଯଥେଷ୍ଟ । ତୁମେ ବୁଝି ପାରିଛ; ଏବେ ଏ ସମସ୍ତ ତ୍ୟାଗ କରି ପବିତ୍ର 'ରାମନାମ' ସ୍ମରଣ କର । ହୃଦୟରେ ସେଇ ରାମଙ୍କୁ ଧ୍ୟାନ କର । ସେ କେବଳ ତୁମକୁ ସତ୍‌ପଥକୁ ନେଇ ଆସିବେ ।"

ରତନ କହିଲା—"ମୁଁ ଯେ ମହାପାପୀ, ମୋ ତୁଣ୍ଡରୁ ଏ ନାମ ଉଚ୍ଚାରଣ ହେବା ସହଜ ନୁହେ । ମୋତେ କ୍ଷମା ମହାଭାଗ । "ତାହାହେଲେ ତୁମେ ଏହିଠାରେ 'ମରା ମରା' ଜପ କରି ବସିଥାଅ ।" ଋଷିମଣ୍ଡଳୀ ଏହି ଉପଦେଶ ଦେଇ ଅନ୍ତର୍ଦ୍ଧାନ ହେଲେ ।

ଅନେକ ଦିନ ଗଲା, ରତ୍ନାକର ସେହି 'ମରା ମରା' ଜପ କରିବାକୁ ଲାଗିଲେ । କ୍ରମେ 'ମରା'ରୁ ସେ 'ରାମ ରାମ' ବୋଲି କହି ପାରିଲେ ।



ଅନେକ ଯୁଗ ଧରି ତାଙ୍କୁ ବସି ରହିବାକୁ ହେଲା । କ୍ରମେ ତାଙ୍କ ଦେହରେ ବଲ୍ମୀକ ବା ଉଇ ହୁଙ୍କାଟାଏ ହୋଇଗଲା ।

କେତେ କାଳ ପରେ ପୁଣି ତପସ୍ୱୀମଣ୍ଡଳୀ ସେହି ପଥରେ ଯିବାବେଳେ ଦେଖିଲେ—ଉଇହୁଙ୍କା ଭିତରେ ରତ୍ନାକର 'ରାମ ରାମ' ବୋଲି ଏକ ଲୟରେ ଜପ କରୁଛନ୍ତି । ଉଜ୍ଜ୍ୱଳ ନକ୍ଷତ୍ର ଦୁଇଟି ପରି ତାଙ୍କ ଚକ୍ଷୁରୁ ଗୋଟାଏ ଜ୍ୟୋତି ବିଚ୍ଛୁରିତ ହୋଇ ପଡ଼ୁଛି । ଶରୀରର ତେଜରେ ଉଇହୁଙ୍କାଟିଯାକ ଆଲୋକମୟ ହୋଇ ଯାଇଛି । ସେମାନେ ଆନନ୍ଦରେ ଡାକ ଦେଲେ, "ରତ୍ନାକର ଏଠାକୁ ଆସ । ତୁମେ ବର୍ତ୍ତମାନ ପବିତ୍ର ହୋଇଛ ।" ରତ୍ନାକର ବଲ୍ମୀକ ମଧ୍ୟରୁ ବାହାରି ପଦ ବନ୍ଦନା କଲେ ।

ସେମାନେ କହିଲେ—'ରତ୍ନାକର, ତୁମେ ବଲ୍ମୀକରୁ ଉତ୍ପନ୍ନ ହୋଇ ନୂତନ କଲେବର ଧାରଣ କରିଛ; ସେଥିପାଇଁ ଆଜଠାରୁ ତୁମର ନାମ—ବାଲ୍ମୀକି ।'

ଆଜି ସେହି 'ଦସ୍ୟୁ ରତ୍ନାକର' ଅଦ୍ୱିତୀୟରୂପେ ଭାରତବାସୀ ହୃଦୟର ଦେବତା । ସେ ଅସ୍ପୃଶ୍ୟ ଥିଲେ କଅଣ ହେଲା, ତାଙ୍କର ପବିତ୍ର କାର୍ଯ୍ୟାବଳୀ ଆଜି ତାଙ୍କୁ ଆଦର୍ଶ ପୁରୁଷରୂପେ ଚିରସ୍ମରଣୀୟ କରି ରଖିଛି । ରାମାୟଣ ସେହି ମହାକବିଙ୍କ ସ୍ମୃତିରୂପେ ମନୁଷ୍ୟର ହୃଦୟରେ ଥିବାଯାଏ ପୂଜା ପାଉଥିବ ।

ସାଲବେଗ

"କହେ ସାଲବେଗ ହୀନ ଜାତିରେ ମୁଁ ଯବନ" ଏହି ସୁନ୍ଦର ପଦାବଳୀରୁ ଜଣାପଡ଼େ,ଭକ୍ତ ସାଲବେଗଙ୍କର ଆତ୍ମ ପରିଚୟ-ଟିସ ଯେ ଯବନ ଥିଲେ, ଏହା କେହି ଅସ୍ୱୀକାର କରି ପାରିବେ

ନାହିଁ । ତାଙ୍କ ଜୀବନରେ ଯେ ଅଦ୍ଭୁତ ପରିବର୍ତ୍ତନ ଘଟିଥିଲା, ବାସ୍ତବରେ ତାହା ଚମତ୍କାର ବିଷୟ ।

ଯବନ ବୀର ଲାଲବେଗ ଭକ୍ତଶିରୋମଣି ସାଲବେଗଙ୍କ ପିତା । ସେ ପୁତ୍ରଙ୍କୁ କୁଳୋଚିତ ଶିକ୍ଷାରୁ ବଞ୍ଚିତ କରି ନ ଥିଲେ । ତେଣୁ ଅଳ୍ପ କାଳ ମଧ୍ୟରେ ସାଲବେଗ ଯୁଦ୍ଧ ବିଦ୍ୟାରେ ନିପୁଣ ହୋଇ-ଗଲେ । ସୁତରାଂ ଅନେକ ସମୟରେ ତାଙ୍କୁ ପିତାଙ୍କ ସହିତ ଯୁଦ୍ଧ କ୍ଷେତ୍ରକୁ ଯିବାକୁ ପଡ଼ୁଥିଲା । ଯୁବକ ସାଲବେଗଙ୍କ ରଣ କୌଶଳରେ ଯବନ ସେନା ଉଦ୍‌ବୁଦ୍ଧ ହୋଇ ପଡ଼ୁଥିଲେ ।

ଥରେ ସାଲବେଗ ଯୁଦ୍ଧରେ ଦାରୁଣ ଆଘାତ ପାଇ ଗୃହକୁ ଆନୀତ ହେଲେ । ଗୁଣବତୀ ଜନନୀ ପୁତ୍ରର ଏ ଦୁର୍ଦ୍ଦଶାରେ ସମଧିକ ବିଚଳିତ ହୋଇ ପଡ଼ିଲେ । ସେତ୍ର କ୍ଷଣି ବିବିଧ ପ୍ରକାର ଔଷଧର ବନ୍ଦୋବସ୍ତ କରିଗଲା; କିନ୍ତୁ ଶରୀର ସୁସ୍ଥ ହେବା ଦୂରେଥାଉ ରୋଗ ଯନ୍ତ୍ରଣା ଅଧିକରି ବଢ଼ିବାକୁ ଲାଗିଲା ।

ସାଲବେଗ ଜୀବନର ଆଶା ପରିତ୍ୟାଗ କରି ଦିନେ ମାଆଙ୍କୁ କରୁଣ ସ୍ୱରରେ କହିଲେ—'ପାଣି ଫୋଟକାରୁ ହୀନ ଏ କ୍ଷଣସ୍ଥାୟୀ ଜୀବନରେ ଆଉ କି ଲାଭ ? ଏ ଦାରୁଣ ଯନ୍ତ୍ରଣା ଭୋଗ କରିବା ... ପେକ୍ଷା ମୃତ୍ୟୁକୁ ଆଲିଙ୍ଗନ କରିବା ଶ୍ରେୟସ୍କର ।' ମାତୃପ୍ରାଣ ପୁତ୍ରର ... ରତାରେ ଅଧିକରି ବିଚଳିତ ହୋଇ ଉଠିଲା । ସେ ଥରେପୁତ୍ରର ... ନିରୀକ୍ଷଣ କରି ଆଶ୍ୱାସନା ଦେଇ କହିଲେ "ବତ୍ସ, ତୋର ... ଯବନ, ତେଣୁ ତୁ ଇସ୍‌ଲାମର ଉପାସକ ହେବା ସ୍ୱାଭାବିକ । ମୁଁ ହିନ୍ଦୁ ବ୍ରାହ୍ମଣ ଘରର କୁଳକନ୍ୟା ହୋଇ ତୋ ପିତାଙ୍କ ପାଣି ଗ୍ରହଣ କରି ଏ ପର୍ଯ୍ୟନ୍ତ ଯାହା ଅନୁଭବ କରିଛି, ସେଥିରେ ଯେ ତୁ କେଉଁ ବିପଦରୁ ରକ୍ଷା ପାଇଛୁ, ଏହା ନୁହେଁ । ଦାଦା ପ୍ରଭୁ

ଏକ, ଯେ ମନ୍ଦିରରେ ହିନ୍ଦୁର ଦୁଃଖ ଗୁହାରି ଶୁଣନ୍ତି, ସେ ମସଜିଦରେ ମୁସଲମାନର ପ୍ରାର୍ଥନା ଗ୍ରହଣ କରିଥାନ୍ତି । ଆମ୍ଭେମାନେ କେବଳ ତାଙ୍କୁ ଭିନ୍ନ ରୂପରେ ଦେଖୁଁ । ଏକମାତ୍ର ପ୍ରଭୁଙ୍କୁ ନାନା ଭାବରେ ଭଜନା କରୁଁ । ସେ ବିଷ୍ଣୁ ଏକ; ଯେ ଶ୍ରୀକୃଷ୍ଣ ସେ ଆଲ୍ଲା; ଯେ ବେଦ ସେ କୋରାନ୍; ଧର୍ମଶାସ୍ତ୍ର କେବେ ହେଲେ ଭିନ୍ନ ନୁହେ । କେବଳ ନାମ ମାତ୍ର ଭିନ୍ନ । ବାପା, ମୋ ଉପଦେଶ ଗ୍ରହଣ କରିବାକୁ ତୋର ଶକ୍ତି ଅଛି ତ ?'

ସାଲବେଗ ଏକ ଦୃଷ୍ଟିରେ ମାତାଙ୍କ ଆଡ଼କୁ ଅନାଇ ରହିଲେ । ରୋଗ ଯନ୍ତ୍ରଣା ନିମିଷକ ପାଇଁ ଭୁଲିଯାଇ ସେ ପ୍ରଶ୍ନ କଲେ—'ମାଆ, ତୁମେ ତେବେ ଯବନୀ ନୁହଁ;କି ଆଶ୍ଚର୍ଯ୍ୟ ! ବ୍ରାହ୍ମଣର କୁଳକନ୍ୟା କାହିଁକି ଯବନ ଅଙ୍କଶାୟିନୀ !' ମାଆ ଉତ୍ତର ଦେଲେ—'ସେ ସବୁ କଥାରେ ଅକାରଣ ସନ୍ଦେହ କରି ମନ ଖରାପ କରନା; ବର୍ତ୍ତମାନ କିପରି ଏ ବିଷମ ବ୍ୟାଧିରୁ ମୁକ୍ତ ହେବୁ ତାର ଉପାୟ ଚିନ୍ତା କର ।'

"ତେବେ ମୁଁ କଅଣ କରିବି ? ମୋତେ ସେ ଉପାୟ କହିଦିଅ । ମାତୃ ସନ୍ତୋଷରେ ସନ୍ତାନର ନିଶ୍ଚୟ କଲ୍ୟାଣ ସାଧିତ ହେବ ।" ସାଲବେଗ ବିକଳ କଣ୍ଠରେ ଏ ଉତ୍ତର ଦେଲେ ।

ମାଆ କହିଲେ—'ଏକମନ ଏକଧ୍ୟାନରେ ତୁ ଦ[illegible] ନୀଳାଚଳନାଥ ଜଗନ୍ନାଥଙ୍କୁ ସ୍ମରଣ କର । ତୋର ସମ୍ପ[illegible] ସମସ୍ତ ଦୁଃଖ ସୁଖ ତାଙ୍କ ପାଦ ପଦ୍ମତଳେ ସମର୍ପଣ କର । ଦେ[illegible] ତୋର ଏ ଜ୍ୱର ବ୍ୟାଧି ନିମିଷ ମାତ୍ରେ ଉପଶମ ହୋଇଯିବ । [illegible] ନାମ ସ୍ମରଣରେ ମୃତ ହସେ, ପଥର ଭାସେ; ମୂକ ବାଚାଳ ହୋ[illegible] ପାରେ; ପଙ୍ଗୁ ପର୍ବତ ଲଙ୍ଘି ଯାଇପାରେ; ସେ ବିପଦ ବନ୍ଧୁ

ପତିତପାବନ ଅଭିମାଣ ହରି ଦୁଃଖୀର ଆର୍ତ୍ତନାଦ ସହି ପାରନ୍ତି ନାହିଁ; ଏବେ ସବୁ ତ୍ୟାଗ କରି ତାଙ୍କ ପାଦ ପଦ୍ମତଳେ ଶରଣ ନେ।'

ଏ ଅମୃତମୟ ଉପଦେଶ ଗ୍ରହଣ କରି ସାଲବେଗ ସେହି ଦିନଠାରୁ ଅବଶ୍ରାନ୍ତ ଜଗନ୍ନାଥଙ୍କୁ ଧ୍ୟାନ କଲେ। ମାଆ ମଧ୍ୟ ପୁତ୍ରଙ୍କ ଦୁର୍ଦ୍ଦଶାରେ ବ୍ୟଥିତ ହୋଇ ଜଣାଇଲେ "ପ୍ରଭୁ, ତୁମର ଏ ଅଧମ ଦୀନ ହୀନ ସନ୍ତାନକୁ ଦୟା କରିବ ନାହିଁ ? ଏ ବିଧବାର କରୁଣ କ୍ରନ୍ଦନରେ ତୁମ କୃପା-ସିଂହାସନ ଟଳିବ ନାହିଁ ? ପ୍ରଭୁ, ତୁମର ଇଚ୍ଛା।"

ମାତା ପୁତ୍ର ଉଭୟଙ୍କ କାତର ପ୍ରାର୍ଥନାରେ କୃପାମୟ ଭଗବାନ କରୁଣା ପ୍ରକାଶ ନ କରି ରହି ପାରିଲେନାହିଁ। ଦିନେ ଅର୍ଦ୍ଧରାତ୍ରିରେ ସାଲବେଗଙ୍କ ରୋଗ ଶଯ୍ୟା ନିକଟରେ ସେ ବ୍ରାହ୍ମଣ ବେଶରେ ଦଣ୍ଡାୟମାନ ହେଲେ। ନିଦ୍ରାରେ ସାଲବେଗ ଅନୁଭବ କଲେ— ଜଣେ ଦିବ୍ୟ ପୁରୁଷ ତାଙ୍କ ସର୍ବାଙ୍ଗରେ ଏକ ପ୍ରକାର ଭସ୍ମ ବୋଳି ଦେଉ ଦେଉ କହୁଛନ୍ତି—'ବତ୍ସ, ନିଅ ଏଇ ଔଷଧ; ତୁମ ସର୍ବାଙ୍ଗରେ ମର୍ଦ୍ଦନ କର, ଅଚିରେ ବ୍ୟାଧିମୁକ୍ତ ହେବ।'

ହଠାତ୍ ସାଲବେଗଙ୍କ ନିଦ୍ରା ଭଙ୍ଗ ହେଲା। ସେ ଭୟବିହ୍ୱଳ କଣ୍ଠରେ 'ମାଆ ମାଆ' ବୋଲି ଚିତ୍କାର କରି ଉଠିଲେ। ପୁତ୍ରଦୁଃଖେ-ଙ୍କ୍ଷିତ ଜନନୀ ହଠାତ୍ ଏ ଆର୍ତ୍ତଧ୍ୱନିରେ ପ୍ରମାଦ ଗଣିଲେ। ଚକ୍ଷୁରୁ ଦୁଇବିନ୍ଦୁ ଅଶ୍ରୁ ପତିତ ହେଲା। ସେଇ ରୋଗ ...ରେ ମଧ୍ୟ ସାଲବେଗ ଟିକିଏ ଆଶ୍ୱସ୍ତ ହୋଇ ମାଆଙ୍କୁ ...—'ମାଆ, କାହିଁକି ବିଚଳିତ ହେଉଛୁ ? କିଏ ଜଣେ ...ଷ ଆସି ସ୍ୱପ୍ନରେ ମୋ ଦେହଯାକ ଭସ୍ମ ବୋଳି ଦେଇ ...ନ ହେଲେ। ଆହା ! କି କୋମଳ ଶୀତଳ କରପଲ୍ଲବ ତାଙ୍କର ! ସେ କିଏ ମା ! ମୋତେ କହିବ ନାହିଁ ?'

ମାତୃ ହୃଦୟରେ ଆଶାର ଗୋଟିଏ କ୍ଷୀଣ ରେଖା ଫୁଟି ଉଠିଲା, ଅଶ୍ବାସନାର ମଧୁର ପ୍ରବାହଟିଏ ଖେଳିଗଲା । ସେ ପୁତ୍ରର ସର୍ବାଙ୍ଗରେ ହସ୍ତ ବୁଲାଇ ଦେଇ କହିଲେ—'ପତିତପାବନଙ୍କର କରୁଣା ହୋଇଛି, ଆଉ ଶଙ୍କା ନାହିଁ, ଭୟ ନାହିଁ ।'

ସେଠାରୁ ସେହି ଅବଦାନଠାରୁ ସାଲବେଗ କ୍ରମେ କ୍ରମେ ଆରୋଗ୍ୟ ଲାଭ କଲେ । ଅଳ୍ପଦିନ ମଧ୍ୟରେ ସେ ନବଜୀବନ ଲାଭ କରି ନବତେଜରେ ବଳୀୟାନ ହୋଇ ଉଠିଲେ । ମାତୃପଦ ବନ୍ଦନା କରି ସେ କହିଲେ—'ଏପରି ପ୍ରଭୁ ଥାଉ ଥାଉ ମୁଁ ଆଉ ସଂସାର କରିବି କଅଣ ? ଯାଉଛି ସେହି ନୀଳାଚଳ ଧାମରେ ପବିତ୍ର ବୈଷ୍ଣବ ଦୀକ୍ଷା ଗ୍ରହଣ କରି ଜୀବନ ଯାପନ କରିବି । ତୁମର ଏଇ ଅଧମ ସନ୍ତାନକୁ ଅନୁମତି ଦେଇ କୃତାର୍ଥ କର ।'

ମାତା ପୁତ୍ରର ଏ ବୈରାଗ୍ୟରେ ଆନନ୍ଦିତ ହେଲେ । ସେହି ଦିନଠାରୁ ଭକ୍ତ ପୁଣ୍ୟମୟ ନୀଳାଚଳ ଧାମରେ ବାସ କଲେ । ସେଠାରେ ତାହାଙ୍କର ଅନ୍ତିମ ହୋଇଥିଲା ।

ଭକ୍ତ ସାଲବେଗ ଆଜି ଅମର ଲୋକରେ, କିନ୍ତୁ ତାଙ୍କ ରଚିତ ଅମୃତମୟ ପଦାବଳୀ ଏବେ ମଧ୍ୟ ହିନ୍ଦୁ ପ୍ରାଣରେ ଭକ୍ତି ସଂଚାର କରେ । ଓଡ଼ିଶାର ଗ୍ରାମେ ଗ୍ରାମେ ଭାଗବତ ମନ୍ଦିରରେ ସନ୍ଧ୍ୟା ଉପାସନାବେଳେ ଝଞ୍ଜଣୀର ଧୀର ଗମ୍ଭୀର ରବ ଭାସିଆସେ—

"ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ
ମୋ ଆରତ ନଳିନ ବନକୁ କର ଦଳନ ।
କହେ ସାଲବେଗ ହୀନ ଜାତିରେ ମୁଁ ଯବନ
ଶ୍ରୀରଙ୍ଗା ଚରଣ ତଳେ ରହିଥାଉ ମୋ ମନ ।"

ପରମ ବନ୍ଧୁ

ଅଯୋଧାର ପ୍ରାଚୀନ ନାମ କୋଶଳ । କୋଶଳର ଉତ୍ତରରେ ଶୃଙ୍ଗବେର ନାମକ ଏକ ସ୍ୱାଧୀନ ରାଜ୍ୟ ଥିଲା । ଶବରରାଜ ଗୁହକ ସେ ରାଜ୍ୟର ରାଜା ଥିଲେ । ଜାତିରେ ଶବର ହେଲେ କଅଣ ହେଲା, ରାଜ୍ୟଶାସନରେ ରାଜ ଧର୍ମ ରକ୍ଷାରେ ସେ ସମଧିକ ପ୍ରସିଦ୍ଧ । ନରପତି ମାନେ ତାଙ୍କୁ ଭାରି ପ୍ରଶଂସା କରୁଥିଲେ । ତାଙ୍କ ରଣ କୌଶଳ ଦେଖି ଧନ୍ୟ ଧନ୍ୟ କରୁଥିଲେ ।

ସେତେବେଳେ ପୁଣ୍ୟଶ୍ଳୋକ ମହାରାଜ ଦଶରଥ ଅଯୋଧ୍ୟାରେ ରାଜତ୍ୱ କରୁଥିଲେ । ତାଙ୍କର ଚାରି ପୁତ୍ର ମଧ୍ୟରେ ରାମଚନ୍ଦ୍ର ଜ୍ୟେଷ୍ଠ । ଦିନେ ସେ ତାଙ୍କ କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କ ସହିତ ମୃଗୟା ଉଦ୍ଦେଶ୍ୟରେ ଅରଣ୍ୟକୁ ଯାଇଥିଲେ । ଗୋଟିଏ ମୃଗକୁ ଲକ୍ଷ୍ୟ କରି ସେ ତାର ଅନୁଧାବନ କଲେ । ଲକ୍ଷ୍ମଣ ସୈନ୍ୟମାନଙ୍କ ସହିତ ଜ୍ୟେଷ୍ଠ ଭ୍ରାତାଙ୍କୁ ଅନୁସନ୍ଧାନ କଲେ ସୁଦ୍ଧା ସାକ୍ଷାତ ପାଇ ପାରିଲେ ନାହିଁ ।

ରାମଚନ୍ଦ୍ର ଘୋର ଅରଣ୍ୟ ମଧ୍ୟରେ ପଥହରା ହୋଇ ତମସା ନଦୀ କୂଳରେ ବିଶ୍ରାମ ନେଲେ । କିଛି କ୍ଷଣ ପରେ ନିଷାଦ ରାଜ [illegible] ସେଠାରେ ଆସି ଉପସ୍ଥିତ ହେଲେ । ସେ ରାମଚନ୍ଦ୍ରଙ୍କ [illegible]ର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କୁ ଅରଣ୍ୟବାସୀ କୌଣସି [illegible] ମନେ କରି ବିନୀତ ଭାବରେ ପଚାରିଲେ "ଆପଣ କିଏ ? [illegible] ହୋଇ କି ଦୁଃସାହସ କରି ନାହାନ୍ତି ! ଅରଣ୍ୟବାସୀ ହେଲେ [illegible] ଆମ୍ଭେମାନେ ଏ ନିବିଡ଼ ବନରେ ଏକାକୀ ବିଚରଣ କରିବାକୁ କଦାପି ସାହସ କରିନ୍ତୁ ନାହିଁ । ଏ ସୁକୁମାର ବୟସରେ

ଆପଣ ଏକାକୀ ଏଠାକୁ ଆସିଛନ୍ତି କାହିଁକି ? ଜାଣୁଛି ଆପଣଙ୍କ ପିତାମାତା କେଡ଼େ ନିର୍ଦ୍ଦୟ, କେଡ଼େ ନିଷ୍ଠୁର ! ସେମାନେ କିପରି ଏ ତରୁଣ ବୟସରେ ଆପଣଙ୍କୁ ଏଠାକୁ ପଠାଇ ଦେଇ ନିଶ୍ଚିନ୍ତ ରହିଛନ୍ତି ? ହାୟ, ଦେବୋପମ କୁମାର ପ୍ରତି ସେମାନଙ୍କର ଏ କି ସନ୍ତାନ ବାତ୍ସଲ୍ୟ !”

ମୃଦୁ ହାସ୍ୟ ପରେ ରାମଚନ୍ଦ୍ର କହିଲେ, ‘ମୁଁ ଦେବତା ନୁହେଁ, କୋଶଳରାଜ ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ରାମଚନ୍ଦ୍ର । ମୃଗୟା ଉଦ୍ଦେଶ୍ୟରେ ବନ ପ୍ରଦେଶରେ ବିଚରଣ କରୁଛି; ଆପଣ ଅବା କିଏ ? ମୋର ଏ ଦୁରବସ୍ଥାରେ ଅଯାଚିତ ସହାନୁଭୂତି ପ୍ରକାଶ କରି ମୋର ପରମବନ୍ଧୁ ରୂପେ କାର୍ଯ୍ୟ କରୁଛନ୍ତି ?’

ଶବର ରାଜ ବିସ୍ମୟ ଓ ଆନନ୍ଦରେ ରାମଚନ୍ଦ୍ରଙ୍କୁ ପ୍ରଣାମ ଜଣାଇ କହିଲେ—‘ଅହା, ଆଜି ମୋର ପରମଭାଗ୍ୟ । ପୂର୍ବରୁ ଆପଣଙ୍କ ପିତାଙ୍କୁ ମୁଁ ଜାଣେ । ଆପଣଙ୍କ ବଳବୀର୍ଯ୍ୟ ଓ ଅଲୌକିକ କାର୍ଯ୍ୟାବଳୀ ମଧ୍ୟ ଲୋକ ମୁଖରୁ ଶୁଣି ପାରିଛି । କ୍ଷତ୍ରିୟ କୁଳର ଅଳଂକାର ରୂପେ ଆପଣ ପରଶୁରାମଙ୍କୁ ଯେପରି ପରାସ୍ତ କରି ପାରିଛନ୍ତି, ଏବେ ତାହା ଚିନ୍ତା କରି ମୋ ହୃଦୟ ଆନନ୍ଦରେ ନାଚି ଉଠୁଛି । ସେ ସବୁ ସଦ୍‌ଗୁଣ ମନେ କରି ଆପଣଙ୍କୁ କିଏ ଅବା ପୂଜା ନ କରିବ ? ଆପଣଙ୍କ ସଙ୍ଗ ଲାଭ ମୋ ପୂର୍ବ ତପସ୍ୟାର ଫ... କାହିଁ ନୀଚ ଘୃଣ୍ୟ ଶବର, କାହିଁ ପୁଣି ଆପଣଙ୍କର ଦେବ... ଚରିତାବଳୀ !’

‘ତୁମର ଏ ସ୍ନେହ ସହାନୁଭୂତି ବାସ୍ତବରେ ଭୁଲି... କଥା ନୁହେଁ । ଯାହା ହେଉ ସାଧୁ ସହଯୋଗ ଯେ ପୁଣ୍ୟର ଫ... ନୁହେଁ, ଏହା କିଏ ଅସ୍ୱୀକାର କରିବ ? ଅତ୍ୟୁକ୍ତି କର ନାହିଁ ।

ହୃଦୟ ନିର୍ମଳ ଥିଲେ, ସେହି ବଳରେ ଲୋକ ନିଶ୍ଚୟ ସୁଖ୍ୟାତି ଲାଭ କରି ପାରିବ । ଆତ୍ମଶୁଦ୍ଧି, ସଂଯମ, ସମଭାବହିଁ ମନୁଷ୍ୟକୁ ସତ୍ ମାର୍ଗରେ ନେଇ ପ୍ରକୃତ ପଥ ଦେଖାଇ ଦିଏ । ତୁମେ ସେହି ସବୁ ଗୁଣର ଆଧାର ହୋଇ ନିଜକୁ ନିକୃଷ୍ଟ ମନେ କରିବା କି ଘୋର ପରିତାପର ବିଷୟ ! ମନୁଷ୍ୟର କାର୍ଯ୍ୟ ହିଁ ତାକୁ ଉଚ୍ଚ ନୀଚ କରି ରଖିପାରେ । ସୃଷ୍ଟିରେ ଭେଦଭାବର ସ୍ଥାନ ନାହିଁ । ମନୁଷ୍ୟ ନିଜର ସୁବିଧା ଓ ସୁଯୋଗ ନେଇ ସେ ସବୁ ସୃଷ୍ଟି କରିଛି । ପରମ ପିତାଙ୍କ ଦୃଷ୍ଟିରେ ପ୍ରତ୍ୟେକେ ସମାନ ।'

ଶବରରାଜ ଆନନ୍ଦ ବିହ୍ୱଳ ହୋଇ ପ୍ରଶ୍ନ କଲେ—'ତେବେ ଏ ନୀଚ,ଘୃଣ୍ୟର ସ୍ଥାନ ସମାଜରେ ଅଛି ?' ରାମଚନ୍ଦ୍ର ବୁଝାଇଦେଲେ, 'ସାଧୁ ଚଣ୍ଡାଳ କୁପଥଗାମୀ ବ୍ରାହ୍ମଣ ଅପେକ୍ଷା ପୂଜ୍ୟ, ଆଦୃତ ।'

ଶବରଙ୍କର ଆନନ୍ଦର ସୀମା ରହିଲା ନାହିଁ । ଏତେ ଦିନେ ସେ ତାଙ୍କ ଜୀବନରେ ଆଶ୍ୱାସିତ ହେଲେ । ଅଯୋଧ୍ୟାର ରାଜକୁମାର ଆଜି ତାଙ୍କର ମିତ୍ର, ପରମ ବନ୍ଧୁ । ପ୍ରତ୍ୟକ୍ଷରେ ସେ ଆଜି ନିଜର ଗୁଣାବଳୀ ଯୋଗୁଁ ଆଦୃତ ହୋଇ ପାରିଛନ୍ତି ବୋଲି ଅନୁଭବ କଲେ । ପରେ ସେ ରାମଚନ୍ଦ୍ରଙ୍କୁ ପ୍ରଶ୍ନ କଲେ—'ଆପଣ ତେବେ ମୋ ଠାରୁ କି ଉପକାର ଆଶା କରନ୍ତି ?'

[illegible] "ମୁଁ ଆଶା କରୁଛି—ତୁମେ ମୋତେ ମୋ ଭାଇ ଓ ସୈନ୍ୟଙ୍କ [illegible] ସାକ୍ଷାତ ଲାଭ କରିବାରେ ସାହାଯ୍ୟ କରିବ ।"

ଗୁହକ ଉତ୍ତର ଦେଲେ—'ଭୟ କରିବାର କାରଣ କିଛି [illegible] ବର୍ତ୍ତମାନ ବିଶ୍ରାମ କରନ୍ତୁ । ମୁଁ ନିଜେ ଆପଣଙ୍କ ଦେହରକ୍ଷକ [illegible] ଜାଗ୍ରତ ରହିଛି । ଅରଣ୍ୟ ବାସୀ ତା କର୍ତ୍ତବ୍ୟରେ କଦାପି ଅବହେଳା କରିବ ନାହିଁ । ଆଜି ଆପଣ ଏ ରାଜ୍ୟର ଅତିଥି ଭୂପେ

ଅସ୍ମମାନଙ୍କୁ ଉପକୃତ କରନ୍ତି । ଦେବୋପମ ଅତିଥି ଚର୍ଚ୍ଚା ଆମ ଭାଗ୍ୟରେ ଘଟିବା ଅସମ୍ଭବ । ଅତିଥି ସେବା ଯେ ପରମ କର୍ତ୍ତବ୍ୟ ତାହା ଏ ବ୍ୟାଧ ଜାଣି ପାରିଛି । ସେଥି ଲାଗି ଆପଣଙ୍କୁ ଆଉ କି ଉପହାର ଦେବ ? ଅରଣ୍ୟବାସୀର ସମ୍ବଳ—ବନଜାତ ସୁମିଷ୍ଟ ଫଳ, ଝରଣାର ନିର୍ମଳ ଜଳ, ଗ୍ରହଣ କରନ୍ତୁ ।'

ଶବରଙ୍କର ଏ ଅକପଟ ସ୍ନେହରେ ରାମଚନ୍ଦ୍ର ପରିତୃପ୍ତ ହୋଇ କହିଲେ—'ତୁମ ସରଳ ଓ ସାଧୁ ବ୍ୟବହାରରେ ମୁଁ ଆପଣାକୁ ସୁଦ୍ଧା ବିସ୍ମୃତ ହୋଇ ଯାଇଛି । ତୁମେ ମୋର ପରମ ବନ୍ଧୁ; ପ୍ରକୃତ ବିପଦରେ ଆଶା ଆଶ୍ୱାସନା ଦେଇ ତୁମେ ମୋ ହୃଦୟକୁ କିଣି ନେଇ ପାରିଛ ।'

ଶବର ଆଶ୍ଚର୍ଯ୍ୟାନ୍ୱିତ ହେଲେ । ରାମଚନ୍ଦ୍ରଙ୍କ ଭଳି ରାଜକୁମାରଙ୍କର ସେ ଆଜି ମିତ୍ର । ତୁଚ୍ଛ, ଘୃଣ୍ୟ, ଅସ୍ପୃଶ୍ୟ ପ୍ରତି ତେବେ ତାଙ୍କର କି ଦୟା ! ଗୁହକଙ୍କୁ ନୀରବ ରହିବା ଦେଖି ରାମଚନ୍ଦ୍ର କହିଲେ—'ଆଜି ଭାବୁଛ କଣ ? ନିଷାଦ ରାଜ ! ଯାହାର ହୃଦୟ ଅଛି, ଯେ ଜ୍ଞାନ ବଳରେ ପରୋପକାର କରିବା ପାଇଁ ପ୍ରସ୍ତୁତ, ଅସହାୟ ପ୍ରତି କର୍ତ୍ତବ୍ୟ ଅଛି ବୋଲି ଯେ ଜାଣି ପାରେ, ଲକ୍ଷ ଲକ୍ଷ ପ୍ରଜା ଯାର ଇଙ୍ଗିତରେ ଶୃଙ୍ଖଳିତ ହୋଇ ପାରନ୍ତି, ସେହି ଗୁହକ ଆପଣାକୁ ନିଷାଦ ବୋଲି ଅସ୍ପୃଶ୍ୟ ଭାବିବା ଅତି ଦୋଷାବହ, ଅନ୍ୟାୟ । କ୍ଷତ୍ରିୟ ହେଲେ ମଧ୍ୟ ଜ୍ଞାନ ଗରିମାରେ ମୁଁ ଆପଣଙ୍କ ଅପେକ୍ଷା ଅଧିକ ନୁହେଁ । ଆପଣ ରାଜା, ମୁଁ ରାଜକୁମାର; ଉଭୟଙ୍କ ମଧ୍ୟରେ ମିତ୍ରତା ବରାବର ସମ୍ଭବ, ଶାସ୍ତ୍ରସମ୍ମତ ମଧ୍ୟ । ତେଣୁ ତୁମେ ମୋର ଅନୁରୋଧ ରକ୍ଷା କର ମୋତେ ହୃଦୟରେ ସ୍ଥାନ ଦିଅ ।'

ଗୁହକ ଉତ୍ତର ଦେଲେ—'ଆପଣ ଯେବେ ନିଷାଦଙ୍କୁ ମିତ୍ରରୂପେ ଲାଭକରିବାକୁ ଇଚ୍ଛୁକ, ତେବେ, ଏ ଘୃଣ୍ୟ କାହିଁକି ତାହା ପ୍ରତ୍ୟାଖ୍ୟାନ କରିବ ?'

କିଛିକ୍ଷଣ ମିଷ୍ଟାଳାପ ପରେ ଗୁହକ ଲକ୍ଷ୍ମଣଙ୍କୁ ଅନୁସନ୍ଧାନ କରିବା ପାଇଁ ଉଦ୍ୟତ ହେଲେ । କିନ୍ତୁ ହଠାତ୍ ନିକଟରେ ସୈନ୍ୟ କୋଳାହଳ ଶୁଣାଯିବାରୁ ସେଥିରୁ ନିବୃତ୍ତ ହେବାକୁ ପଡ଼ିଲା । ଲକ୍ଷ୍ମଣ ସେହିକ୍ଷଣି ସସୈନ୍ୟେ ରାମଚନ୍ଦ୍ରଙ୍କ ପଦବନ୍ଦନା କଲେ ।

ରାମଚନ୍ଦ୍ର କହିଲେ—'ଲକ୍ଷ୍ମଣ, ନିଷାଦରାଜଙ୍କୁ ତୁମେ ଭାବ ନାହିଁ ଯେ ସେ ହୀନ ବର୍ବର, ଅସଭ୍ୟ ବା ପତିତ । ମନୁଷ୍ୟର ହୃଦୟହୀନତା ହିଁ ପଶୁତ୍ୱର ପରିଚୟ ଦିଏ । ଯାର ହୃଦୟ ଅଛି ସେ ଦେବତା । ତାର କାର୍ଯ୍ୟକଳାପ ସର୍ବଦା ଜଗତ୍‌ବାସୀର ଅନୁକରଣ ଯୋଗ୍ୟ । ଗୁହକ ସେହି ଦିବ୍ୟଗୁଣାବଳୀର ଆଧାର, ତେଣୁ ମୋର ପରମ ବନ୍ଧୁ ।'

ଲକ୍ଷ୍ମଣ ଆହ୍ଲାଦରେ ଗୁହକଙ୍କୁ ଆଲିଙ୍ଗନ କରି ପକାଇଲେ । ବ୍ୟାଧରାଜ ପରମ ଆନନ୍ଦରେ ଆଶୀର୍ବାଦ କରିବାକୁ ଲାଗିଲେ । ସେଇଠାରୁ ରାମ ଓ ଲକ୍ଷ୍ମଣ ଅଯୋଧ୍ୟା ଆଡ଼କୁ ଅଗ୍ରସର ହେଲେ । ... ସେମାନଙ୍କୁ ଶୃଙ୍ଗବେରର ସୀମାନ୍ତ ପ୍ରଦେଶ ପର୍ଯ୍ୟନ୍ତ ପାଛୋଟି ... । ସେଠାରେ ବିଦାୟ ଦୃଶ୍ୟ ବଡ଼ ମର୍ମସ୍ପର୍ଶୀ ହୋଇଥିଲା । ... ନୟନରେ ଗୁହକ ରାମଚନ୍ଦ୍ରଙ୍କୁ ବାରମ୍ବାର ପ୍ରଣାମ ...ବାକୁ ଲାଗିଲେ । ଶୃଙ୍ଗବେରକୁ ଆପଣ ଅଯୋଧ୍ୟା ଅପେକ୍ଷା ହୀନ ...ରେ ଦେଖିବେ ନାହିଁ ବୋଲି ଅନୁରୋଧ କଲେ ।

ଜଗତ ଜନନୀ

ସ୍ତ୍ରୀ ହେଉ ବା ପୁରୁଷ ହେଉ ଯେ ସ୍ୱଭାବ ସୁନ୍ଦର ଗୁଣରାଶିରେ ପୃଥିବୀର ଉପକାର ସାଧନ କରିପାରେ, ସେ ଯୁଗେ ଯୁଗେ ମନୁଷ୍ୟ ସମାଜରେ ଦେବତାରୂପେ ପୂଜିତ ହୋଇଥାଏ । ସାଧ୍ୱୀ ଶିରୋମଣି ଅରୁନ୍ଧତୀଙ୍କ ପୁଣ୍ୟମୟ ଜୀବନ କାହାଣୀରୁ ସେହି ଶିକ୍ଷା ମିଳେ ।

ଅତି ପ୍ରାଚୀନ କାଳରେ ଗଙ୍ଗା ତଟରେ ଗୋଟିଏ ଚଣ୍ଡାଳପଲ୍ଲୀ ଥିଲା । ପଙ୍କରୁ ପଦ୍ମ ଜାତ ହେଲା ପରି ଅରୁନ୍ଧତୀ ସେହି ପଲ୍ଲୀ ନିବାସୀ ଅମ୍ବିକା ଚଣ୍ଡାଳର କନ୍ୟାରୂପେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜନ୍ମ ଦିନଠାରୁ ପଲ୍ଲୀଟି କ୍ରମେ କ୍ରମେ ବଳବଶାଳୀ ହୋଇ ଉଠିଲା । ଚଣ୍ଡାଳମାନେ ସେଇ ଦେବୀ ପ୍ରତିମାଙ୍କ ସରଳ ମଧୁର ବ୍ୟବହାରରେ, କାର୍ଯ୍ୟକଳାପରେ ନୀଚବୃତ୍ତି ପରିତ୍ୟାଗ କରି କ୍ରମେ କ୍ରମେ ସବଳ ହୋଇ ଉଠିଲେ । ଦେବୀ ଅରୁନ୍ଧତୀ ପ୍ରତ୍ୟେକ ଗୃହକୁ ଯାଇ ସେମାନଙ୍କର ଅପକର୍ମର ଉପରେ ପ୍ରତିବାଦ କରୁଥିଲେ, ସେମାନଙ୍କୁ ଧର୍ମ ଉପଦେଶ ଦେଇ ସେହିପରି ମଧ୍ୟ ସତ୍ ମାର୍ଗକୁ ଆକର୍ଷଣ କରି ପାରିଥିଲେ । ଗ୍ରାମର ପ୍ରତ୍ୟେକ ନର ନାରୀ ତାଙ୍କୁ ମାଆ ବୋଲି ସମ୍ବୋଧନ କରି କୃତାର୍ଥ ହେଉଥିଲେ । ଘରେ ଘରେ ଦେବାରାଧନା, ପୁରାଣ ପାଠ ଓ ଧର୍ମ ଚର୍ଚ୍ଚାର ସ୍ରୋତ ବହି[illegible] ଅରୁନ୍ଧତୀଙ୍କ ଆଦେଶ, ଉପଦେଶ ଲୋକେ ଦୈବ ବା[illegible] ମାନି ନେଉଥିଲେ ।

ଥରେ ଅନାବୃଷ୍ଟି ଯୋଗୁଁ ଜଗତ୍‌ବ୍ୟାପୀ ଦୁର୍ଭିକ୍ଷର[illegible] ମିଳିଲା । ଖାଦ୍ୟାଭାବରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇ[illegible] ଦେବଲୋକରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ହୃଦୟ ଭାରାକ୍ରାନ୍ତ ହୋଇ[illegible]

ପଡ଼ିଲା । ଲକ୍ଷ ଲକ୍ଷ ପ୍ରଜାଙ୍କର ଜୀବନ ରକ୍ଷା କିପରି ହେବ ସେ ଏଇ ଚିନ୍ତାରେ ବ୍ୟଥିତ ହୋଇ ଉଠିଲେ । ଶତ ଶତ ପ୍ରଜାର ଆର୍ତ୍ତନାଦ, ବୁଭୁକ୍ଷୁର ଆକୁଳ କ୍ରନ୍ଦନରେ ସେ ସ୍ଥିର ହୋଇ ରହି ପାରିଲେ ନାହିଁ । କି ଉପାୟ କଲେ ଜଗତ ରକ୍ଷା ହେବ ସେଥିପାଇଁ ମର୍ତ୍ତ୍ୟ ଲୋକକୁ ଦେବର୍ଷି ନାରଦଙ୍କୁ ପ୍ରେରଣ କଲେ ।

ଦେବର୍ଷି ମନଦଣ୍ଡ ଯାନରେ ଆରୋହଣ କରି ଚକ୍ଷୁ ପଲକ ମାତ୍ରେ ପୃଥିବୀ ତମାମ୍ ଭ୍ରମଣ କରି ଜଣାଇଲେ—"ଗଙ୍ଗାତୀରବର୍ତ୍ତୀ ଅମ୍ବିକା ଚଣ୍ଡାଳ ନିକଟରେ ଲକ୍ଷ ଲକ୍ଷ ଭରଣ ଧାନ ଜମା ଅଛି । ଯଦି ସେ ତାହା ଜଗତର ହିତ ଲାଗି ବିତରଣ କରି ଦିଏ ତେବେ ରକ୍ଷା, ନଚେତ୍ ପୃଥିବୀ ଲୋକଶୂନ୍ୟ ହେବ ସନ୍ଦେହ ନାହିଁ । ଆପଣ ଲୋକପିତା ହୋଇ ଏଥିପାଇଁ ବିହିତ ଉପାୟ ଅବଲମ୍ବନ କରନ୍ତୁ; ଏ ନୀରବ ହେବାର ସମୟ ନୁହେ ।"

ବ୍ରହ୍ମାଙ୍କ ମନରେ ଗୋଟାଏ ଆଶା ହେଲା ସେ ନିଜେ ଯାଇ ଚଣ୍ଡାଳକୁ ଏ ବିଷୟରେ ବୁଝାଇ ଦେଇ ଆସିବେ । ସେହି ଅଭିପ୍ରାୟରେ ସେ ନାରଦଙ୍କୁ ପ୍ରଶ୍ନ କଲେ—'ଏଥିପାଇଁ ତୁମେ ଅମ୍ବିକାର ପରାମର୍ଶ ଲୋଡ଼ିଥିଲ ?'

ନାରଦ କହିଲେ—"ଚଣ୍ଡାଳ ହୋଇ ତାର ଗର୍ବ ତ କମ୍ [illegible] ଧାନ ଗଣ୍ଡେ ରଖି ସେ ତାହା ଦେବାପାଇଁ ଯେ କଠୋର [illegible]ରିଛି, ଭାବିଲେ ସେଥିପାଇଁ ହସ ଲାଗେ । ଯେ ତାର [illegible] ବିବାହ କରିବ, ସେ କୌତୁକ ସ୍ୱରୂପ ସମସ୍ତ ସମାଜର [illegible]ଣୀ ହେବ । ଏ ଦୁଃସାହସ କରିବ କିଏ ? କୁଳଧର୍ମରେ [illegible]ାଞ୍ଜଳି ଦେଇ ଚଣ୍ଡାଳ କନ୍ୟାକୁ ପତ୍ନୀରୂପେ ବରଣ କରିବାକୁ

ସାହସ କାହାର ଅଛି ?" ବ୍ରହ୍ମା କହିଲେ—'ତୁମେ ସେଥିଲାଗି ଶତ୍ରୁତ ହୁଅନାହିଁ । ବର୍ତ୍ତମାନ ମହର୍ଷି ବଶିଷ୍ଠଙ୍କୁ ଡାକ ଆଣ ।'

ମହର୍ଷି ବଶିଷ୍ଠ ନାରଦଙ୍କଠାରୁ ସମ୍ବାଦ ପାଇ ସେହିକ୍ଷଣି ବ୍ରହ୍ମଲୋକକୁ ଗମନ କଲେ । ସେ ବ୍ରହ୍ମାଙ୍କର ପଦବନ୍ଦନା କରି ଆଦେଶ ଅପେକ୍ଷାରେ ଅଛନ୍ତି ଦେଖି ପିତାମହ କହିଲେ—'ବତ୍ସ, ମନୁଷ୍ୟ ଯେ ଦେବତା ହୋଇପାରେ ତାହା କେବଳ ତାର ଉଚ୍ଚ ଆଦର୍ଶ ଓ ସତ୍‌କର୍ମ ଉପରେ ନିର୍ଭର କରେ । ଖୁବ୍ ଅନ୍ତର୍ଦ୍ଦୃଷ୍ଟିରୁ ନିରୀକ୍ଷଣ କଲେ ତୁମେ ଜାଣି ପାରିବ ମନୁଷ୍ୟ ମଧ୍ୟରେ ଯେ ତୀବ୍ର ଭେଦଭାବର ସୃଷ୍ଟି ହୋଇଛି, ତାହା କେବଳ ସୂତ୍ରଧାର ରୂପାନ୍ତର ମାତ୍ର ।'

ବ୍ରହ୍ମର୍ଷି ବଶିଷ୍ଠ କରଯୋଡ଼ି ଜଣାଇଲେ—'ତେବେ ଆପଣଙ୍କ ଆଦେଶ ଦେଉଛନ୍ତି ?' ପିତାମହ ଉତ୍ତର ଦେଲେ—'ବତ୍ସ, ସଂସାର ସୃଷ୍ଟି କରିବା ମୋର ଯେପରି କର୍ତ୍ତବ୍ୟ; ପୁତ୍ର ହୋଇ ତୁମେ ପିତାର ଆଦେଶ ପାଳନ କରିବା ସେହିପରି ଧର୍ମ । ସନ୍ତାନ ହୋଇ ଯେ ଗୁରୁବର୍ଗଙ୍କ ଆଦେଶ ଲଙ୍ଘନ କରେ, ସେ ସନ୍ତାନ ନୁହେ, କୁଳାଙ୍ଗାର ।' ବଶିଷ୍ଠ କହିଲେ—'ଏହା ନିଶ୍ଚୟ ସ୍ୱୀକାର କରିବାକୁ ହେବ ଯେ ଗୁଣୀମାନଙ୍କ ଗଣନାରେ ଯଦି ସ
ପ୍ରଶଂସା ନ ହୁଏ, ତାହା ହେଲେ ସେ ପୁତ୍ର ପୁତ୍ର ନୁହେ ।
କୁସନ୍ତାନକୁ ପ୍ରସବ କରି ମାତା ଯଦି ପୁତ୍ରବତୀ ବୋ
ଅନୁଭବ କରନ୍ତି, ତେବେ ଆଉ ବନ୍ଧ୍ୟା କାହାକୁ କୁ
ବ୍ରହ୍ମାଙ୍କ ମୁଖରେ ହାସ୍ୟର ଗୋଟିଏ ମୃଦୁ ତରଙ୍ଗ ଖେ
ବଶିଷ୍ଠଙ୍କର ଏ ସୁନ୍ଦର ଯୁକ୍ତିରେ ସେ ତାଙ୍କୁ ଧନ୍ୟ
କହିବାକୁ ଲାଗିଲେ ।

ଏହାପରେ ସେ ବଶିଷ୍ଠଙ୍କୁ ଆଶୀର୍ବାଦ କରି କହିଲେ—'ଜଗତର ରକ୍ଷା ପାଇଁ, ଜାତି ଓ ଧର୍ମକୁ ଚିରସ୍ଥାୟୀ କରିବା ଲାଗି ତୁମକୁ ଚଣ୍ଡାଳ କନ୍ୟାର ପାଣି ଗ୍ରହଣ କରିବାକୁ ହେବ, ପାରିବ ?' ଆପଣଙ୍କ ଆଦେଶ ମୁଁ କଦାପି ଲଙ୍ଘନ କରି ପାରିବନାହିଁ ବୋଲି ବଶିଷ୍ଠ ଉତ୍ତର ଦେଲେ । ବ୍ରହ୍ମା କହିଲେ—'ତେବେ ଯାଅ, ଗଙ୍ଗାତୀରବର୍ତ୍ତୀ ଚଣ୍ଡାଳପଲ୍ଲୀରେ ଅମ୍ବିକା ଚଣ୍ଡାଳର କନ୍ୟାକୁ ଧର୍ମପତ୍ନୀରୂପେ ଗ୍ରହଣ କର । ତା ନିକଟରେ ଯେଉଁ ସବୁ ଖାଦ୍ୟ ଶସ୍ୟ ଅଛି, ସେ ସମସ୍ତ ଯୌତୁକ ସ୍ୱରୂପ ଲାଭ କରି, ଦୁର୍ଭିକ୍ଷ ପୀଡ଼ିତ ନରନାରୀଙ୍କର ଜୀବନ ରକ୍ଷା କର ।'

ପିତୃବାକ୍ୟରେ ବଶିଷ୍ଠ ସ୍ୱର୍ଗ-ରାଜ୍ୟରୁ ଅବତରଣ କଲେ । ପୁଣ୍ୟମୟୀ ଜାହ୍ନବୀରେ ସମସ୍ତ ନିତ୍ୟକର୍ମ ସମାପନ କରି ଅମ୍ବିକା ଚଣ୍ଡାଳର ଦ୍ୱାରସ୍ଥ ହେଲେ । ଚଣ୍ଡାଳ ମହର୍ଷିଙ୍କୁ ଦେଖି ଯଥାବିଧି ଆଦର କଲା । ଯୋଡ଼ ହସ୍ତରେ ପଚାରିଲା—'କି ଉଦ୍ଦେଶ୍ୟରେ ଆପଣ ଏ ଘୃଣ୍ୟ ଚଣ୍ଡାଳ ପଲ୍ଲୀରେ ପଦାର୍ପଣ କଲେ ?' ବଶିଷ୍ଠ କହିଲେ—'ଦେଖ, ଲକ୍ଷ ଲକ୍ଷ ନରନାରୀ ଦୁର୍ଭିକ୍ଷରେ ପ୍ରାଣ ତ୍ୟାଗ କରୁଥିବା ବେଳେ, ତୁମେ ଏ ଧାନ ସଂଗ୍ରହ କରି ରଖିବାର କାରଣ କଣ ? ସଂସାରରେ ଅନ୍ନ ଦାନଠାରୁ ବଳି ଆଉ ଶ୍ରେଷ୍ଠ [illegible] କଣ ଅଛି ? ଏ ସମସ୍ତ ଶସ୍ୟ ପ୍ରଜାବର୍ଗଙ୍କ ମଙ୍ଗଳ ପାଇଁ [illegible] କରିଦିଅ । ଯୁଗେ ଯୁଗେ ତୁମର ପୁଣ୍ୟ କୀର୍ତ୍ତି ଅକ୍ଷୟ [illegible]ହେବ ।'

[illegible] ଉତ୍ତର ଦେଲା—'ମନୁଷ୍ୟ ହୋଇ ନିଜର ପ୍ରତିଜ୍ଞା ପାଳନ [illegible]ପାରିଲେ, ଜୀବନ ଧାରଣ ବୃଥା । ପୃଥିବୀ ରସାତଳଗାମୀ [illegible]ମଧ୍ୟ ମୁଁ ମୋର ପଣ ରକ୍ଷାରୁ ଟଳି ହେଲେ ପଶ୍ଚାତ୍‌ପଦ [illegible]ବି ନାହିଁ । ବ୍ରାହ୍ମଣ ହୋଇ ଆପଣ ମୋତେ ଏ ଉପଦେଶ

ଦଅନ୍ତୁ ନାହିଁ; ଯଦି ପ୍ରଜାବର୍ଗର ହିତ ସାଧନ ଆପଣଙ୍କର ଉଦ୍ଦେଶ୍ୟ ତେବେ ମୋ ପ୍ରତିଜ୍ଞା ରକ୍ଷାକରି ଏଇ ଖାଦ୍ୟ ଶସ୍ୟ ନେଇ ଯାନ୍ତୁ । ଲୋକମାନଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ତାହା ସ୍ୱହସ୍ତରେ ବିତରଣ କରି ଦଅନ୍ତୁ ।'

ତେବେ ତୁମେ କି ପ୍ରତିଜ୍ଞା କରିଛ, ପ୍ରକାଶ କର ବୋଲି ବଶିଷ୍ଠ ଧୀର ଗମ୍ଭୀର ଭାବରେ ପ୍ରଶ୍ନ କଲେ । ଚଣ୍ଡାଳ କହିଲା— "ପତିତ କେଉଁ ସାହସରେ ଆପଣଙ୍କ ନିକଟରେ ସେ ପ୍ରତିଜ୍ଞା ପ୍ରକାଶ କରିବ ? ସଂସାରର ଶ୍ରେଷ୍ଠ ଜାତିରୂପେ ଆପଣ ଆଜି ଲକ୍ଷ ଲକ୍ଷ ଲୋକର ଗୁରୁ, ରାଜାମାନଙ୍କର ପରାମର୍ଶ ଦାତା ହୋଇ ସୁଖ୍ୟାତି ଅର୍ଜନ କରିଛନ୍ତି । ଆପଣଙ୍କ ଭଳି ମହାପୁରୁଷଙ୍କ ନିକଟରେ କାପରି, କେଉଁ ଭାଷାରେ ମୁଁ ତାହା ପ୍ରକାଶ କରିବି ଭାବି ପାରୁନାହିଁ; ଏ ଘୃଣ୍ୟ ଚଣ୍ଡାଳର ଅପରାଧ କ୍ଷମା କରିପାରିବେ ତ ?" ବଶିଷ୍ଠ କହିଲେ—'ଭୟ କରିବା ମନୁଷ୍ୟ ଜୀବନର କି ଘୋର ଦୁର୍ବଳତା ! କଥାପଦେ କହିବାକୁ ତୁମେ ଟେ ଏପରି ଭୟଭୀତ ହେଉଛ ଏହାର କାରଣ କଣ ?

ଚଣ୍ଡାଳ କୃତାଞ୍ଜଳି ପୁଟରେ ଜଣାଇଲା—'କ୍ଷମା ଦେବରେ ? ମୁଁ ବାମନ ହୋଇ ଆକାଶ ଚନ୍ଦ୍ର ଲାଭ କରିବି ବୋଲି ଆଶା ବାନ୍ଧି ରହିଛି । ସମାଜର ଘୋର ନରକରେ ମୋର ସ୍ଥାନ । ତଥାପି ପ୍ରତି- କରିଛି —ଯେ ମୋ କନ୍ୟାର ପାଣି ଗ୍ରହଣ କରିବ ମୁଁ ତାକୁ ଏ ସମସ୍ତ ସମ୍ପତ୍ତି ଦାନ କରିବି ।' ବଶିଷ୍ଠ କହିଲେ—'ଏଥିରେ କଣ କରିପାରିବ ? ମନୁଷ୍ୟ ଚିରକାଳ ଆଶାର ଦାସତ୍ୱ କରି ଏହି ଆଶା ଲାଗି ସେ ଜଗତରେ ଦେହ ଧରି ରହିଛି । ମନରେ ସେହି ପରି ଗୋଟାଏ କାମନା ଅଛି । ଏଥିଲାଗି କାହିଁକି ? ମୁଁ ତୁମର କନ୍ୟାର ପାଣିଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛି ।'

ଚଣ୍ଡାଳ ଅଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କଲା—'ଏ କଣ ସତ୍ୟ ନା ସ୍ୱପ୍ନ ! ଆପଣଙ୍କ ଭଳି ମହର୍ଷି ମୋର ଜାମାତା ! ଏକଣ କମ୍ ପୁଣ୍ୟର ଫଳ?' ବଶିଷ୍ଠ କହିଲେ—'ତାହା ତୁମର ପୁଣ୍ୟ ହେଉ ବା ପାପ ହେଉ ଏ କାର୍ଯ୍ୟରେ ମୋର କର୍ତ୍ତବ୍ୟ ରହିଛି । ପିତୃ ଆଦେଶ, ପୁଣି ପ୍ରାଣୀମାନଙ୍କ ଜୀବନ ରକ୍ଷା, ଏ ଉଭୟର ସମାଧାନ କରିବାକୁ ହେବ । ଜଗତ୍ ବାସୀଙ୍କ ହିତ ସାଧନ ଲାଗି ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରିବାକୁ ହେବ । ତା ନୋହିଲେ ଅଳ୍ପ ଦୁର୍ଭିକ୍ଷର ଯେ କରାଳ ତାଣ୍ଡବ ଚାଲିଛି, ତାହା ଲୋପ ପାଇବ କିପରି ? କୋଟି କୋଟି ନର ନାରୀଙ୍କ ଜୀବନ ରକ୍ଷା କରିବାକୁ ହେଲେ ଏ ତୁଚ୍ଛ ଜାତି ଭେଦ, ସ୍ପୃଶ୍ୟ, ଅସ୍ପୃଶ୍ୟ, ଉଚ୍ଚ, ନୀଚ ସମସ୍ତଙ୍କ ମୁଣ୍ଡରେ ପଦାଘାତ କରିବାକୁ ପଡ଼ିବ । ପରୋପକାର ପାଇଁ ନୂତନ ଆଲୋକର ଅନୁସନ୍ଧାନ କରିବାକୁ ହେବ । କାରଣ ପରୋପକାର ସାଧୁ ଲୋକମାନଙ୍କର ଏକମାତ୍ର ସମ୍ବଳ, ଆଉରି ଗୋଟିଏ କଥା ନୀଚ କୁଳରେ ସ୍ତ୍ରୀ ରତ୍ନ ଥିଲେ ତାଙ୍କୁ ଗ୍ରହଣ କରିବାକୁ ଶାସ୍ତ୍ରର ନିର୍ଦ୍ଦେଶ ରହିଛି, ତାହା ମାନି ନେବାକୁ ହେବ । ବର୍ତ୍ତମାନ ତୁମେ ବିବାହର ଆୟୋଜନ କର ବ୍ରହ୍ମଲୋକରୁ ସମସ୍ତ ମୁନି ଋଷି ଆସି ଏ କାର୍ଯ୍ୟ ନିର୍ବାହ କରି ଯିବେ ।'

ଚଣ୍ଡାଳ ଆନନ୍ଦରେ ଆତ୍ମହରା ହୋଇ ଉଠିଲା । ସେ ତାର ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ବିବାହର ଆୟୋଜନ କଲା । ଦେବ ଲୋକରୁ ଚତୁର୍ମୁଖ ବ୍ରହ୍ମା ଦେବର୍ଷି ପରିବେଷ୍ଟିତ ହୋଇ ସେଠାରେ ଉପସ୍ଥିତ ହେଲେ । ପରମ ସୁନ୍ଦରୀ ଅରୁନ୍ଧତୀଙ୍କ ସହିତ ମହର୍ଷି ବଶିଷ୍ଠଙ୍କର ପରିଣୟ କ୍ରିୟା ସଂପାଦିତ ହେଲା । ଚଣ୍ଡାଳ ଯୌତୁକ ସ୍ୱରୂପ ସମସ୍ତ ଖାଦ୍ୟ ଶସ୍ୟ ପ୍ରଦାନ କରି କୃତାର୍ଥ ହେଲା ।

ବ୍ରହ୍ମା ସେହି ଋଷି ସଭାରେ କହିଲେ—'ଅରୁନ୍ଧତୀ ଚଣ୍ଡାଳ କନ୍ୟା ନୁହନ୍ତି ସେ ଜଗତ ଜନନୀ । ତାଙ୍କ ଯୋଗୁହିଁ ଜଗତ୍ ବାସୀଙ୍କର ଜୀବନ ରକ୍ଷା ହେଲା ।'

ଆଜି ସେହି ଅରୁନ୍ଧତୀ ତାରା ରୂପରେ ସପ୍ତର୍ଷି ମଣ୍ଡଳରେ ଉଦିତ ହୋଇଛନ୍ତି । ତାଙ୍କ ପାତିବ୍ରତ୍ୟରେ ପୁରାଣର ପ୍ରତ୍ୟେକ ପୃଷ୍ଠା ଉଜ୍ଜ୍ୱଳ ହୋଇଛି । ଚଣ୍ଡାଳ କନ୍ୟା ହେଲେ ସୁଦ୍ଧା ସେ ନିଜର ପାତିବ୍ରତ୍ୟ ବଳରେ ଦେବୀ ତୁଲ୍ୟ ପୂଜିତା ହେଉଛନ୍ତି ।

ଗୁରୁ ଦକ୍ଷିଣା

ସାଧକର ସାଧନା ଓ ଭକ୍ତମାନଙ୍କର ଅଟଳ ବିଶ୍ୱାସ କଦାପି ବ୍ୟର୍ଥ ହୁଏ ନାହିଁ । ସେହି କଠୋରତା ମଧ୍ୟରେ ସିଦ୍ଧି ବା ମୁକ୍ତି ଲୁଚି ରହିଥାଏ । ନିଷାଦ ରାଜପୁତ୍ର ଏକଲବ୍ୟଙ୍କ ଜୀବନରେ ଏହିପରି ଗୋଟିଏ ଅଦ୍ଭୁତ ଘଟଣା ଘଟିଥିଲା ।

ଏକଲବ୍ୟ ଦକ୍ଷିଣକଠାରୁ ପ୍ରାଚୀନ ହସ୍ତିନାପୁର ସମୀପବର୍ତ୍ତୀ କୌଣସି ଅରଣ୍ୟ ପ୍ରଦେଶର ରାଜକୁମାର ଥିଲେ । ପିତା ନିଷାଦ ରାଜ ହିରଣ୍ୟଧନୁ ସେପରି ରଣକୁଶଳ ସେହିପରି ମଧ୍ୟ ରାଜନୀତି ନିପୁଣ ଥିଲେ । ବାଲ୍ୟ କାଳରୁ ଏକଲବ୍ୟ ପିତାଙ୍କ ଆଦର୍ଶ ଜୀବନ ଗଠନ କରିବାକୁ ଏକାନ୍ତ ଅଭିଳାଷୀ ଥିଲେ ଯୁଦ୍ଧବିଦ୍ୟା ଶିକ୍ଷା କରିବା ପାଇଁ ସେ ଜଣେ ଉପଯୁକ୍ତ ଗୁରୁ ଖୋଜି ନାହିଁ । ଧନୁର୍ବେଦ ଅଧ୍ୟୟନ କରିବା ତାଙ୍କ ପକ୍ଷରେ ଟିକିଏ କଷ୍ଟକର ହୋଇ ପଡିଲା ।

ସେତେବେଳେ ହସ୍ତିନାରେ ଗୁରୁ ଦ୍ରୋଣାଚାର୍ଯ୍ୟ ପାଣ୍ଡବ ଓ କୌରବମାନଙ୍କୁ ଅସ୍ତ୍ର ବିଦ୍ୟା ଶିକ୍ଷା ଦେଉଥିଲେ । ଏକଲବ୍ୟ ଦ୍ରୋଣଙ୍କ ନାମ ଶୁଣି ସେଠାକୁ ଗଲେ । ତାଙ୍କୁ ବିକଳ କଣ୍ଠରେ ପ୍ରାର୍ଥନା କରି ଜଣାଇଲେ—"ମୁଁ ନିଷାଦ ହିରଣ୍ୟଧନୁଙ୍କ ପୁତ୍ର ଏକଲବ୍ୟ;ଧନୁର୍ବିଦ୍ୟା ଶିକ୍ଷା ଉଦ୍ଦେଶ୍ୟରେ ଆପଣଙ୍କ ନିକଟକୁ ପ୍ରାର୍ଥୀ ହୋଇ ଆସିଛି । ମୋତେ ଶିଷ୍ୟରୂପେ ଗ୍ରହଣ କଲେ ଅନୁଗୃହୀତ ହୁଅନ୍ତି ।"

ଦ୍ରୋଣ କହିଲେ—"ବତ୍ସ, ତୁମେ ନିଷାଦ; ସୁତରାଂ ଅସ୍ପୃଶ୍ୟ । ରାଜକୁମାରମାନଙ୍କ ସହିତ ମୁଁ ତୁମକୁ କଦାପି ଶିକ୍ଷା ଦେଇପାରିବି ନାହିଁ । ପୁଣି ଧନୁର୍ବେଦ ଭଳି ପବିତ୍ର ଶିକ୍ଷାରେ ତୁମର ଅଧିକାର ନାହିଁ । ତୁମେ ଅକାରଣରେ କାହିଁକି ଏପରି ଦୁଃସାହସ କରୁଛ ?"

ଅପମାନ ଓ ଅଭିମାନର ତୀକ୍ଷ୍ଣସ୍ପର୍ଶରେ ଏକଲବ୍ୟଙ୍କ ମୁଖମଣ୍ଡଳ ମଳିନ ପଡ଼ିଗଲା । ସେ ଦ୍ରୋଣଙ୍କ ପଦବନ୍ଦନା କରି ବ୍ୟଥିତ-ହୃଦୟରେ ଫେରିଲେ । ଭାବିଲେ —ମୁଁ ପତିତ, ଘୃଣ୍ୟ । ସମାଜର କେଉଁ ନରକରେ ଥିବ ମୋର ସ୍ଥାନ ? ମୁଁ କେବେ ପବିତ୍ର ହେବି କିପରି ? ମୋତେ ବା ପବିତ୍ର କରିବ କିଏ ? ଉଚ୍ଚବର୍ଣ୍ଣର ଏ ସଂକୀର୍ଣ୍ଣତା ନଗଲେ, ସେମାନେ ଅସ୍ପୃଶ୍ୟଙ୍କୁ ନିଜର ବୋଲି ଆଲିଙ୍ଗନ ନକଲେ ଏ ଜାତି ବରାବର ପତିତ ହୋଇ ରହିଥିବ । [illegible]ଣ୍ୟ ପତିତ ଜାତି ମଣ୍ଡଳୀ, ଏବେହେଲେ ତୋର ଚୈତନ୍ୟ [illegible]ତର ତିରସ୍କାରରେ, ଅପମାନରେ ତୋର ମୋହ ନିଦ୍ରା-[illegible]ଙ୍ଗ । କେତେ କାଳ ଅନ୍ଧକାର ଗହ୍ୱରରେ ପଡ଼ି ରହିଥିବୁ ! [illegible]ଉଦ୍‌ବୁଦ୍ଧ ହୋଇ ନିଜର ଜାତୀୟ ସଂକୀର୍ଣ୍ଣତା ଓ ନୀଚତା [illegible]ନ କରି ସତ୍ ପଥରେ ଚାଳିତ ହୁଅ, ଜାଗ, ନିଜର ଅଲୌକିକ କାର୍ଯ୍ୟାବଳୀରେ ଉଚ୍ଚ ବର୍ଣ୍ଣର ସନ୍ଦେହ ମୋଚନ

କର । ସମାଜ ଦେଖୁ ତୋର ଗୌରବ; ଜାତି ଲଭୁ କରୁ ତୋର ଅଦ୍ଭୁତ ପ୍ରେରଣା ।

ଏହିପରି ଚିନ୍ତା କରିବା ସଙ୍ଗେ ସଙ୍ଗେ ତାଙ୍କ ହୃଦୟରେ ପ୍ରତିଜ୍ଞା ସାଧନର ପ୍ରବଳ ଆଶା ଜାଗ୍ରତ ହେଲା । ସେ ଅରଣ୍ୟର ଏକ ସ୍ଥାନରେ ଦ୍ରୋଣଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରି ଗୁରୁଭକ୍ତି ସେବା ପୂଜା କରିବାକୁ ଲାଗିଲେ ଏବଂ କ୍ରମେ କ୍ରମେ ଅସ୍ତ୍ର ବିଦ୍ୟାରେ ବିଚକ୍ଷଣତା ଲାଭ କଲେ ।

ଦୈବାତ୍ ଦିନେ ପାଣ୍ଡବ ଓ କୌରବମାନେ ଦ୍ରୋଣଙ୍କ ସହିତ ସେହି ଅରଣ୍ୟକୁ ମୃଗୟା ଉଦ୍ଦେଶ୍ୟରେ ଆଗମନ କଲେ । ସେମାନଙ୍କ ସଙ୍ଗେ ଗୋଟିଏ ଶିକାରି କୁକ୍କୁର ଥିଲା । ଏକଲବ୍ୟ ଯେଉଁଠାରେ ସାଧନାରେ ବ୍ୟସ୍ତ ସେଠାରେ କୁକ୍କୁରଟି ବାରମ୍ବାର ଭୁକିବାକୁ ଲାଗିଲା । ତାଙ୍କ ସାଧନାରେ ବାଧା ଘଟିବାରୁ ସେ ଏପରି ଭାବରେ ଶରସନ୍ଧାନ କଲେ ଯେ କୁକୁରର ଜିଭ ଉପର ପଟି ସହିତ ବାନ୍ଧି ହୋଇ ରହିଗଲା । କୁକ୍କୁରକୁ ଏପରି ଦୁରବସ୍ଥାପନ୍ନ ଦେଖି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ଅହୋ, କି ଅଦ୍ଭୁତ ଶରସନ୍ଧାନ ! ଇତିପୂର୍ବରୁ ଅର୍ଜୁନ ଆପଣାକୁ ଶ୍ରେଷ୍ଠ ଧନୁର୍ଦ୍ଧର ବୋଲି ଯେ ଗର୍ବ କରୁଥିଲେ, ବର୍ତ୍ତମାନ ତାହା ଭାଙ୍ଗିଗଲା । ସେ ଭାବିଲେ ଗୁରୁ ନିଶ୍ଚୟ ମୋ ପ୍ରତି କପଟାଚରଣ କରିଛନ୍ତି ।

ଅନନ୍ତର ସମସ୍ତେ ଅରଣ୍ୟ ପଥରେ ଚାଲିଲେ । ଦେଖିଲେ ଗୋଟିଏ ଲତା ଗୃହରେ ଜଣେ ଯୁବକ ଗୋଟିଏ ମୂର୍ତ୍ତି ପୂଜାରେ ବ୍ୟସ୍ତ । ଦୂରରୁ ଦ୍ରୋଣ ଏହା ସବୁ ଦେଖି ଜାଣି ସେ ନିକଟକୁ ଯାଇ କହିଲେ, "ବତ୍ସ, ଏକଲବ୍ୟ ତୁମର ପୂର୍ଣ୍ଣ ହୋଇଅଛି । ବର୍ତ୍ତମାନ ଚକ୍ଷୁ ଫିଟାଇ ଥରେ ମୁଁ କିଏ ?"

ଏକଲବ୍ୟ ଚକ୍ଷୁ ମେଲାଇ ଦେଖିଲେ ତାଙ୍କର ସେହି ଆରାଧ୍ୟ ଦେବତା ଦ୍ରୋଣ । ସେ ସାଷ୍ଟାଙ୍ଗ ପ୍ରଣିପାତ କରି ଯୋଡ଼ହସ୍ତରେ ଦଣ୍ଡାୟମାନ ହେଲେ । ଦ୍ରୋଣ ପଚାରିଲେ,'ଏଠାରେ କଅଣ କରୁଛ?' ଏକଲବ୍ୟ ଉତ୍ତର ଦେଲେ—"ମୁଁ ନିଷାଦ ହିରଣ୍ୟଧନୁଙ୍କ ପୁତ୍ର ଏକଲବ୍ୟ । ମୋର ଗୁରୁ ଦ୍ରୋଣ । ମୁଁ ଏଠାରେ ତାଙ୍କର ମୃଣ୍ମୟୀ ମୂର୍ତ୍ତିର ଉପାସନା କରି ଧନୁର୍ବେଦ ଶିକ୍ଷା କରୁଛି ।"

ଏହା ଦେଖି ପାଣ୍ଡବ ଓ କୌରବମାନେ ଅବାକ୍ ହେଲେ । ଏକଲବ୍ୟର ସାଧନା ଦେଖି ସେମାନଙ୍କର ଭାବାନ୍ତର ଘଟିଲା । ଦ୍ରୋଣ କହିଲେ—"ବତ୍ସ ଏକଲବ୍ୟ, ତୁମ ସାଧନା ଓ ପ୍ରତିଜ୍ଞାରେ ମୁଁ ଅତିଶୟ ତୃପ୍ତ ହୋଇଅଛି । ତୁମେ ମଧ୍ୟ ମୋ ସନ୍ତୋଷରୁ ଧନୁର୍ବେଦ ଶିକ୍ଷା କରି ଅର୍ଜୁନଠାରୁ ବଡ଼ ହୋଇ ପାରିଛ । ବର୍ତ୍ତମାନ ମୋର ଗୁରୁ ଦକ୍ଷିଣା ଦେବା ଉଚିତ ।" ଏକଲବ୍ୟ ବିନୀତ ସ୍ୱରରେ କହିଲେ, "ଏ ଘୃଣ୍ୟ, ଅସ୍ପୃଶ୍ୟ ନିଷାଦବାଳକଠାରୁ ଆପଣ କିପରି ଦକ୍ଷିଣା ଇଚ୍ଛା କରନ୍ତି ? ଏ ତ ଆପଣଙ୍କୁ ନମସ୍କାର କରିବାକୁ ଯୋଗ୍ୟ ନୁହେଁ । ଯଦି ଯୋଗ୍ୟ ବୋଲି ମନେ କରୁଛନ୍ତି, ତେବେ ପ୍ରକାଶ କରନ୍ତୁ । ଏ ଚରଣସେବକ ଆପଣଙ୍କ ସୁଖଲାଗି ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରି ଦେଇ ପାରିବ ।"

ଦ୍ରୋଣ କହିଲେ,"ତୁମ ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳିଟି ଦକ୍ଷିଣା ... କରିବା ଲାଗି ମୋର ଇଚ୍ଛା, ଦେଇ ପାରିବ ତ ? ...ର କଥା ନୁହେଁ,' ବୋଲି ଏକଲବ୍ୟ ଗୁରୁଙ୍କ ଆଦେଶ ... ବୃଦ୍ଧାଙ୍ଗୁଳିଟି କାଟି ପଦତଳେ ସମର୍ପଣ କଲେ ।

ନିଷାଦ ବାଳକର ଅପୂର୍ବ ଗୁରୁଭକ୍ତିରେ କୌରବ ଓ ପାଣ୍ଡବମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଅର୍ଜୁନ କହିଲେ 'ଏକଲବ୍ୟ, ତୁମେ

ନଗାନ୍, ଘୃଣ୍ୟ ଚଣ୍ଡାଳହେଁ, ତୁମ୍ଭର କାର୍ଯ୍ୟାବଳୀ କଦାପି କ୍ଷତ୍ରିୟ ବା



ବ୍ରାହ୍ମଣଠାରୁ ହୀନତର ନୁହେ । ଏଇ ପବିତ୍ର କାର୍ଯ୍ୟଲାଗି ଯୁଗେ ଯୁଗେ ଅମର ହୋଇ ରହିବ ।'

ବାସ୍ତବରେ ଏକଲବ୍ୟ ନିଷାଦ ହୋଇ ସୁଦ୍ଧା ଏ ମହତ୍ ଆଦର୍ଶ ଲାଗି ହିନ୍ଦୁର ପବିତ୍ର ପୁରାଣରେ ଉଚ୍ଚ ସ୍ଥାନଲାଭ କରିଛନ୍ତି ।

ସାଧନାର ଫଳ

ଲଙ୍କେଶ୍ୱର ରାବଣ ପଞ୍ଚବଟୀରୁ ସୀତା ହରଣ କରି ନେବା ପରେ ରାମଚନ୍ଦ୍ର ଲକ୍ଷ୍ମଣଙ୍କ ସହିତ ପତ୍ନୀଙ୍କ ଅନ୍ୱେଷଣରେ ବାହାରିଲେ । ସୀତା ବିରହ ଶୋକରେ ତାଙ୍କର ପ୍ରାଣ ଆଲୋଡ଼ିତ ହୋଇଗଲା । ସେ ବାତୁଳ ତୁଲ୍ୟ ପଶୁ, ପକ୍ଷୀ, ନଦୀ, ପର୍ବତ, ବୃକ୍ଷଲତା ସମସ୍ତଙ୍କୁ ସୀତାଙ୍କ ସନ୍ଧାନ ପଚାରି ପଚାରି ଅରଣ୍ୟ ମଧ୍ୟରେ ବୁଲିଲେ । ଲକ୍ଷ୍ମଣଙ୍କ ଆଶା ଆଶ୍ୱାସନା ବୃଥା ହେଲା । ବନଭୂମି 'ହା ସୀତା, ହା ସୀତା' ରବରେ ଧ୍ୱନିତ ହୋଇ ଉଠିଲା । ଅନାହାରରେ ବିଶ୍ରାମ ସୁଦ୍ଧା ନ କରି ଉଭୟେ ବନ ପଥରେ ବୁଲିଲେ । ପରିଶେଷରେ ଋଷ୍ୟମୂକ ପର୍ବତ ନିକଟବର୍ତ୍ତୀ ଅରଣ୍ୟରେ ଶବରୀ ଆଶ୍ରମ ପଡ଼ିଲା ।

କୁସୁମ ସ୍ପର୍ଶରେ ପଟ୍ଟ ଅପବିତ୍ର ହେଲାପରି, ଶବରୀ ଋଷିସଙ୍ଗ [illegible]ବରୁ ନିଷ୍ଠାବଳରେ ଆତ୍ମଶୁଦ୍ଧି କରିପାରିଥିଲା । ସେ ଋଷିମାନଙ୍କ [illegible]ରୁ ଶୁଣିଥିଲା ଯେ ଦିନେ ହେଲେ ସେ ନିଶ୍ଚୟ ସାଧନାର ଫଳ [illegible]ବ । ତା'ର ଏଇ ଆଶ୍ରମ ସମ୍ମୁଖରେ ଆରାଧ୍ୟ ଦେବତାଙ୍କର [illegible] ହେବ ।

[illegible]ଠିକ ସନ୍ଧ୍ୟା ସମୟରେ ସୂର୍ଯ୍ୟଙ୍କ ବନ୍ଦନା କରିବା ପାଇଁ ସେ [illegible]ଦ୍ୱାରକୁ ଆସି ଦେଖିଲା— ଦୁଇଜଣ ପରମ ସୁନ୍ଦର [illegible]ଥି । ସେମାନଙ୍କ ଶରୀରରୁ ଦିବ୍ୟ ଜ୍ୟୋତି ବର୍ଷି ହୋଇ ପଡ଼ୁଛି ।

ଶବରୀ ଅନୁଭବ କଲା ଯେପରି ସେହି କ୍ଷେତ୍ରରେ ତାର ଆଶ୍ରମ ଓ ବନ ଆଲୋକମୟ ହୋଇ ଯାଇଛି । ଭାବିଲା—ଏ ତେବେ କଅଣ ମୋର ଆରାଧ୍ୟ ଦେବତା ଶ୍ରୀରାମ ! ଆହା, ପାପିନୀର କଣ ତେବେ ସୌଭାଗ୍ୟ ଅଛି ! ଏ ଚର୍ମ ନେତ୍ରରେ ମୁଁ ସତେ ତାଙ୍କୁ ଦେଖି ପାରିବି ! କିନ୍ତୁ କି ଆଶ୍ଚର୍ଯ୍ୟ ! ସେଇ ରୂପବାନ୍ ପୁରୁଷ ଯୁଗଳଙ୍କୁ ଦେଖି ସ୍ୱତଃ ସେ ଭକ୍ତିମତୀ ହୋଇ ଉଠିଲା । ସେ ନତମସ୍ତକ ହୋଇ କର ଯୋଡ଼ି କହିଲା—'ଆପଣମାନେ କିଏ ? ଅସମୟରେ ଏ ପତିତାର ଅତିଥି ? ସେବା ପାଇଁ ଯେ ମୁଁ ଯୋଗ୍ୟ ନୁହେ । ଆହା, ମୋର କଅଣ ସମ୍ବଳ ଅଛି, କି ଉପହାର ବା ଅଛି—ଆପଣମାନଙ୍କର ସନ୍ତୋଷବିଧାନ କରିପାରିବି ।'

ପକ୍ଷୀ ବିରହ କାତର ଶ୍ରୀରାମଙ୍କ ହୃଦୟ ଦୟାରେ ବିଗଳିତ ହୋଇଗଲା । ସେ ନିଜର ପରିଚୟ ଦେଇ ଦେଇ ଶବରୀ ଭକ୍ତି ବିହ୍ୱଳା ହୋଇ ଉଠିଲା । ଦାରିଦ୍ର୍ୟ ବିପୁଳ ସଂପତ୍ତି ଲାଭ କଲା ପରି ସେ ଆନନ୍ଦରେ ଆତ୍ମହରା ହୋଇ କହିଲା—'ପ୍ରଭୁ, ତୁମେ ଆଜି ମୋର ଅତିଥି ? ମୁଁ ଯେ ଏହା ବିଶ୍ୱାସ କରି ପାରୁନାହିଁ । ମୋର ଅଛି କଣ ? ଏଇ ଭଗ୍ନକୁଟୀର, ବୃକ୍ଷର କୋମଳ ପଲ୍ଲବ, ଝରଣାର ନିର୍ମଳ ଜଳ, ବନ୍ୟଜାତ ସୁମିଷ୍ଟ ଫଳ । ଆସନ୍ତୁ, ପତିତା ଏ ଉପହାର ପ୍ରଭୁଙ୍କ ପଦତଳେ ଉତ୍ସର୍ଗ କରିବ ।'

ଭକ୍ତବନ୍ଧୁ ଶ୍ରୀରାମ ଧୀରେ ଧୀରେ କୁଟୀର ମଧ୍ୟରେ ପ୍ର... କଲେ । କୋମଳ ପଲ୍ଲବ ଗୁଡ଼ିଏ ବିଛାଇ ଦେଇ ଶବରୀ ଉ... ବସିବା ପାଇଁ ପ୍ରାର୍ଥନା କଲା । ରାମଚନ୍ଦ୍ର କହିଲେ—'ସୀତାଙ୍କ ବି... ତୁମ ଲାଗି ମୁଁ ପାସୋରି ଦେଉଛି ! ତୁମର ମଧୁର ବ୍ୟବହାର ମୋ...

ପ୍ରାଣ ଶୀତଳ କରି ଦେଉଛନ୍ତି । ଦୁଃଖର କଥା ତୁମେ ନିଜକୁ ଏ ନିମ୍ନ ଦୃଷ୍ଟିରେ ଚାହିଁକି ଦେଖୁଛ ?"

ଶବରୀ କହିଲା—"ପ୍ରଭୁଙ୍କ ଶ୍ରୀମୁଖରେ ହିଁ ଏ ଅମୃତମୟ ବାଣୀ ଶୋଭା ପାଇପାରେ ? ଛାର ସ୍ତ୍ରୀ, ପୁଣି ଅତି ହୀନ ଶବର କୁଳରେ ଜନ୍ମ ହୋଇ ମୁଁ ଆପଣଙ୍କୁ କଅଣ କହି ପାରିବି, କଅଣ ବା ମାଗିବି ?" ରାମଚନ୍ଦ୍ର କହିଲେ—"ଭକ୍ତ, ସାଧକ ନିକଟରେ ଉଚ୍ଚ ନୀଚର ସ୍ଥାନ ନାହିଁ, ଜାତିବର୍ଣ୍ଣର ଅବସର ନାହିଁ । ଭକ୍ତି ସାଧନହିଁ ମୁକ୍ତିର ପ୍ରଧାନ ପଥ । ସମଦର୍ଶୀ ଲୋକର ଏ ସବୁ ସଂକୀର୍ଣ୍ଣତା ନ ଥାଏ । ସେ ଏଇ ବିଶାଳ ପୃଥିବୀକୁ ନିଜର ଗୃହ ବୋଲି ଭାବିନିଏ । ଜଗତ ବାସୀଙ୍କୁ ନିଜର କୁଟୁମ୍ବ ପରି ଜ୍ଞାନ କରେ । ତାର ସମସ୍ତ କର୍ମ, ହିତ ଅହିତ, ମାନ ଅପମାନ, ପାପ ପୁଣ୍ୟ ମୋଠାରେ ସମର୍ପଣ କରି ସେ ଚାଲେ ମୁକ୍ତି ମାର୍ଗର ଅନ୍ୱେଷଣରେ । ବାଧା ବିଘ୍ନ ତାର କିଛି କ୍ଷତି କରି ପାରେ ନାହିଁ । ମନୁଷ୍ୟ ଏ କ୍ଷଣସ୍ଥାୟୀ ସଂସାରକୁ ଆପି ଏତିକି କରି ପାରିଲେ ତାର ଜୀବନ ସାର୍ଥକ ହୁଏ । ଶବରି, ତୁମେ ତୁମ ଗୁରୁବର୍ଗଙ୍କ ମୁଖରୁ ଏହା ଅବଶ୍ୟ ଶୁଣିଥିବ । ଅଧିକ ଉପଦେଶ ତୁମର ଆଉ କି ଆବଶ୍ୟକ ?"

ଶବରୀ କହିଲା—"ଏ ଅମୃତମୟ ଉପଦେଶ ମୋ ସଂସାର ପଥପ୍ରଦର୍ଶକ । ଆପଣ ମୋର ପରମଗୁରୁ; ମୋହ ମାୟା ସଂସାରର ଆଲୋକ । ଆପଣଙ୍କ ଅନୁଗ୍ରହରୁ ମୁଁ ଆଲୋକର ସନ୍ଧାନ ପାଇଛି । ଏଇ ସୁମିଷ୍ଟ ପକ୍ୱ ରସାଳଟି ... କରନ୍ତୁ । ରାମଚନ୍ଦ୍ର ସେହି ଫଳଟିକୁ ଥରେ ନିରୀକ୍ଷଣ କରି ନେଲେ । ପୁଣି ଶବରୀ କହିଲା—"ପ୍ରଭୁ, ମୁଁ ଏହି ଫଳର ସ୍ୱାଦୁ

ବାର ପାରେନ୍ତି । ଋଷିମାନଙ୍କ ମୁଖରୁ ଶୁଣିଥାଏ ଆପଣଙ୍କ ଉଦ୍ଦେଶ୍ୟରେ ରଖିଥିଲି; ଆଶଙ୍କାର କୌଣସି କାରଣ ନାହିଁ ।'



ଭକ୍ତବତ୍ସଳ ରାମଚନ୍ଦ୍ର ସେହିସବୁ ଫଳାହାର କଲେ । ତେ ଦେଖୁ ଦେଖୁ ଶବରୀ ତାଙ୍କ ତୃପ୍ତି ବିଧାନ ନିମିତ୍ତ ଗୋଟିଏ ପତ୍ରରେ ଅମ୍ବଗୁଡ଼ାଏ ଥୋଇଦେଲା । ସେ ତାର ଦନ୍ତଚିହ୍ନବହୀନ ଗୋଟିଏ ଫଳ

ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ସେ ତାହା ବର୍ଜନ କରି କହିଲେ 'ଏହା ମୋର ଉପଭୋଗ୍ୟ ନୁହେ । ଫେରାଇ ନିଅ ।'

ଫଳାହାର ପରେ ଶବରୀ ରାମଙ୍କୁ ନାନା ତଥ୍ୟ ପଚାରି ବୁଝିନେଲା । ଏଣିକି ତାର ଜୀବନ ପବିତ୍ର ହୋଇଛି ଭାବି ସେ କହିଲା—"ଏ ମାଟିର ଶରୀର ଧରି ଆଉ କଅଣ କରିବ ? ପ୍ରଭୁଙ୍କୁ ଦର୍ଶନ ନୟନରେ ଦେଖି ସାର୍ଥକ ହୋଇଛି; ଏବେ ଅନୁଜ୍ଞା ଦିଅନ୍ତୁ ଆପଣଙ୍କ ଶ୍ରୀ ମୁଖକୁ ଅନାଇଁ ମୁଁ ଅଗ୍ନିରେ ପ୍ରାଣବିସର୍ଜନ କରିବି ।'

"ତେବେ ମୋ ସୀତାର ସନ୍ଦେଶ ତୁମେ କିଛି କହି ପାରିବ ନାହିଁ" ବୋଲି ରାମଚନ୍ଦ୍ର ପ୍ରଶ୍ନ କଲେ । ଶବରୀ କହିଲା—"ଏ ତ୍ରିଭୁବନର ଆପଣ ପଥଦର୍ଶକ । ମୁଁ ଆପଣଙ୍କୁ ସୀତାଙ୍କ ବୃତ୍ତାନ୍ତରେ କହିବି କଣ ? ଜଗତରେ ଶିଷ୍ଟ ପାଳନ, ଦୁଷ୍ଟ ଦଳନ ପାଇଁ ଆପଣଙ୍କର ଆବିର୍ଭାବ । ତଥାପି ଲୌକିକ ନିୟମର ବଶବର୍ତ୍ତୀ ହୋଇ ଆପଣ ମୋତେ ପ୍ରଶ୍ନ କରୁଛନ୍ତି । ତେବେ ସୁଦ୍ଧା ମୁଁ ଏତିକି କହୁଛି—ଲଙ୍କେଶ୍ୱର ରାବଣ ଆପଣଙ୍କ ପତ୍ନୀଙ୍କୁ ଅପହରଣ କରି ନେଇଛି । ଆପଣ ଏଇ ଅଦୂରବର୍ତ୍ତୀ ଋଷ୍ୟମୂକ ପର୍ବତରେ ବାନର ରାଜା ସୁଗ୍ରୀବଙ୍କ ସହିତ ମିତ୍ରତା କରି ସୀତାଙ୍କୁ ଉଦ୍ଧାର କରନ୍ତୁ, [illegible] ଅନ୍ତିମ ନିବେଦନ ଗ୍ରହଣ କରି ମୋତେ ବିଦାୟ ଦିଅନ୍ତୁ ।'

[illegible] ଦେଖୁ ଦେଖୁ ଶବରୀ ଶ୍ରୀରାମଙ୍କ ପଦବନ୍ଦନା କରି ଅଗ୍ନିପ୍ରବେଶ [illegible] । ତାର ଭକ୍ତିର ପରାକାଷ୍ଠା ଯୋଗୁଁ ଏ ଅସମ୍ଭବ ସମ୍ଭବ [illegible]ଇ ପାରିଥିଲା ।'

ମୁକ୍ତି ପଥେ

ସଂସାରର ମୋହମାୟାରେ ପଦାଘାତ କରି କେତେ ସାଧକ, ଭକ୍ତ ଏ ପୁଣ୍ୟଭୂମି ଭାରତବର୍ଷରେ ଅକ୍ଷୟ କୀର୍ତ୍ତିରଖି ଅମର ହୋଇ ଅଛନ୍ତି, ତାହା କିଏ କହିପାରିବ ? କେବଳ ପୁରାଣ ସେସବୁର ମୂକସାକ୍ଷୀ ହୋଇ ରହିଛି । କେଉଁଠାରେ ଅବା ଜନଶ୍ରୁତି ସେହି ମହାତ୍ମାମାନଙ୍କର ମହିମା ଘୋଷଣା କରୁଛି । ଏହି ସାଧକମାନଙ୍କ ମଧ୍ୟରେ ରାଜା ଗୋବିନ୍ଦଚନ୍ଦ୍ର ସର୍ବଶ୍ରେଷ୍ଠ । ଓଡ଼ିଶାର ଯୋଗୀ ମୁଖରେ ଆଜି ତାଙ୍କର ଅମର କୀର୍ତ୍ତି କାହାଣୀ ଗ୍ରାମେ ଗ୍ରାମେ ଶୁଣାଯାଏ । ରାଣୀ ମୁକ୍ତାଦେଈଙ୍କ ଅପୂର୍ବ ସ୍ନେହ, ଗୁରୁ ହାଡ଼ିପାଙ୍କ ଅଦ୍ଭୁତ ସାଧନା ତଥା ରାଜା ଗୋବିନ୍ଦଚନ୍ଦ୍ରଙ୍କର ଅପୂର୍ବ ତ୍ୟାଗ କଥା ଚିନ୍ତା କଲେ କାହାର ହୃଦୟ ବିଚଳିତ ନ ହେବ !

ରାଜା ଗୋବିନ୍ଦଚନ୍ଦ୍ର ବଙ୍ଗଳାର ଚନ୍ଦ୍ରବଂଶୀୟ ନରପତି ଗୋପୀଚନ୍ଦ୍ରଙ୍କର ଏକମାତ୍ର ସନ୍ତାନ । ସେ ବାଲ୍ୟକାଳରୁ ପିତୃହୀନ ହୋଇ ମାତା ମୁକ୍ତାଦେଈଙ୍କ ତତ୍ତ୍ୱାବଧାନରେ ନିଜର ଜୀବନ ଗଠନ କରିଥିଲେ । ଜନନୀଙ୍କ ଶାସନ ପ୍ରଭାବରୁ ସେ ଯଥୋଚିତ ଶିକ୍ଷା ଲାଭ କରି ପୁତ୍ରତୁଲ୍ୟ ପ୍ରଜା ପାଳନ କରୁଥିଲେ ।

ପରମ ରୂପବାନ୍ ଗୋବିନ୍ଦଚନ୍ଦ୍ରଙ୍କର ଶହେଟି ରାଣୀ ଥିଲେ ତନ୍ମଧ୍ୟରେ କଳିଙ୍ଗ କୁମାରୀ ରୂପବତୀ ଓ ଗୁଣବତୀ ସର୍ବ ଅପୂର୍ବ ସୌନ୍ଦର୍ଯ୍ୟ, ଉଦ୍ଦାମ ଯୌବନ, ବିପୁଳ ସମୃଦ୍ଧିରାଜି ସୁନ୍ଦରୀ ରମଣୀ, ଏସବୁ ପ୍ରକାର ଭୋଗବିଳାସ ଓ ଆମୋଦ ପ୍ର ରାଜା ଗୋବିନ୍ଦ ପରମ ସୁଖରେ କାଳଯାପନ କରୁଥିଲେ ଚକ୍ଷୁରେ ନିଖିଳ ଜଗତ, ଯେପରି ବିଳାସର ଗୋଟାଏ ସୁ ନାଟ୍ୟଶାଳା । ସେ ଭାବୁଥିଲେ ଭୋଗହିଁ ମନୁଷ୍ୟର ପରମଧନ,

ଶ୍ରେଷ୍ଠ ସହାୟ । ସୁଖ ଏଇ ଭୋଗର ରୂପାନ୍ତର ମାତ୍ର । ତାଙ୍କ ବୁଦ୍ଧିମତୀ ରାଣୀ ମୁକ୍ତାଦେଈ ପରୋକ୍ଷରେ ଏ ସମସ୍ତ ଲକ୍ଷ୍ୟକରି ପୁଅକୁ ସତ୍ ମାର୍ଗକୁ ଫେରାଇ ଆଣିବା ପାଇଁ ନିରନ୍ତର ଯତ୍ନ କରୁଥିଲେ । ପରେ ଗୋଟିଏ ଘଟଣାରେ ଗୋବିନ୍ଦ ନିଜର ଭ୍ରମ ବୁଝି ପାରି ମୁକ୍ତିମାର୍ଗ ଅନ୍ୱେଷଣରେ ବାହାରି ପଡ଼ିଲେ ।

ଦିନେ ବସନ୍ତ ଋତୁର ମଧ୍ୟାହ୍ନରେ ରାଜାଗୋବିନ୍ଦ ଗୋଟିଏ ବିଶାଳ ଦର୍ପଣ ନିକଟରେ ନିଜର କେଶ ପ୍ରସାଧନରେ ବ୍ୟସ୍ତ, ଶ୍ରୀଅଙ୍ଗର ଅପୂର୍ବ ସୌନ୍ଦର୍ଯ୍ୟ ଦେଖି ମୁଗ୍ଧ ହେଉଛନ୍ତି, ଏତିକି ବେଳେ ରାଣୀ ମୁକ୍ତାଦେଈ ସେଠାରେ ଉପନୀତ ହେଲେ । ରାଜା ମାତାଙ୍କୁ ଅଭିବାଦନ କରି ଆଦେଶ ଅପେକ୍ଷାରେ ଅଛନ୍ତି, ମୁକ୍ତାଦେଈ ଉପଦେଶ ଛଳରେ କହିଲେ—"ଗୋବିନ୍ଦ, ଏ ବିଶାଳ ରାଜ୍ୟର ଅଧୀଶ୍ୱର ହୋଇ ଉଦ୍ଦାମ ଯୌବନର ଆହ୍ୱାନ ଶୁଣି ତୁ ଯେ ଧରାକୁ ସରା ଜ୍ଞାନ କରୁଛୁ ସେଥି ପାଇଁ ପରେ ଭାବି ଦେଖୁଛୁ ନା ? ଏଇ କ୍ଷଣ-ସ୍ଥାୟୀ ଶରୀର, ଏଇ ଭଙ୍ଗୁର ଯୌବନ ଫୁଟିଲାଫୁଲ ପରି, ଜଳର ବୁଦ୍ ବୁଦଠାରୁ ଅଧିକ କ୍ଷଣିକ, ଚକ୍ଷୁର ପଲକ ପଡ଼ିବା ମାତ୍ରେ ଏହାର କି ପରିବର୍ତ୍ତନ ହୋଇ ପାରେ, ଜାଣିଛୁ ? ତୁଚ୍ଛ ଐଶ୍ୱର୍ଯ୍ୟ ଏ ଭଙ୍ଗୁର ଜୀବନର ପ୍ରକୃତ ସାଥୀ ନୁହେ ।"

[illegible] ମର ହେବାକୁ ଇଚ୍ଛାଥିଲେ, ଚିରକାଳ ପାଇଁ ଅକ୍ଷୟ କୀର୍ତ୍ତି [illegible]ଶେ ଯଦି ଲୋଭ ଅଛି, ତେବେ ମୁକ୍ତି ମାର୍ଗର ଅନୁସନ୍ଧାନ [illegible]ଆର ବିଳାସ ଓ ଆମୋଦରେ ଜୀବନ ଯାତ୍ରା ନିର୍ବାହକରି [illegible]ର ଉନ୍ମୁକ୍ତ କରୁଛୁ କାହିଁକି ? ସାବଧାନ ! ବିଳାସ [illegible]କରି ଯେ ଯୋଗ ମାର୍ଗର ଆଶ୍ରୟ ନିଏ ସେ ମୁକ୍ତି ଲାଭ କରେ, [illegible]ର୍ଣ୍ଣକୁ ପଦାଘାତ କରି ଅମର ହୁଏ, ଲୋକ ସମାଜରେ ଦେବତା

ତୁଲ୍ୟ ବୁଝାପଡ଼େ । ଧନ, ଯୌବନ ସମୁଦ୍ରର ତରଙ୍ଗ ଲୀଳା ପରି ଅଳ୍ପ କ୍ଷଣସ୍ଥାୟୀ । ଏଇ କ୍ଷଣିକ ସୌନ୍ଦର୍ଯ୍ୟର ଉପାସନାକରି କର୍ମ ଭୂମିରେ ତୁମେ କି ପଣ ଅର୍ଜିପାରିବ ? ଅରେ ଈଶ୍ୱରର ପବିତ୍ରନାମ ବିସ୍ମୃତ କର । ତୁମ ପିତାଙ୍କର ନଥିଲା କଣ ? ତୁମର ଅଛି କଅଣ ନାହିଁ ? ହେଲେ ଏ ସମସ୍ତେ ତୁମ ମୁକ୍ତି ପଥର ସାଥୀ ନୁହନ୍ତି । ତୁମର ଏଇ ଉଦ୍ଦାମ ଯୌବନର ଅନ୍ତରାଳରେ ଜରା ଯେ ଅଟ୍ଟହାସ କରି ଉଠୁଛି ଏତେବେଳେ ତୁମେ ତାହା ଅନୁଭବ କରି ପାରୁନାହିଁ ।"

ରାଜା ଗୋବିନ୍ଦ ଯୁଗପତ୍ ବିସ୍ମୟ ଓ ବିଷାଦରେ ମାତାଙ୍କ ଆଡ଼କୁ ଅନାଇଁ ରହିଲେ । ସଂସାରର ସମସ୍ତ ସୌନ୍ଦର୍ଯ୍ୟ କ୍ଷଣିକପରି ତାଙ୍କ ଚକ୍ଷୁ ଆଗରେ ନାଚିଗଲା—ଯୌବନ ପରେ ବୃଦ୍ଧାବସ୍ଥା, ଜନ୍ମ ଉତ୍ତାରୁ ମୃତ୍ୟୁ; ସୁଖ ସୌଖ୍ୟର ଅନ୍ତରାଳରେ ରୋଗ ବ୍ୟାଧି; ହାୟ ମନୁଷ୍ୟ ଜୀବନ ସ୍ୱପ୍ନପରି କେତେ ଅଳ୍ପକାଳ ସ୍ଥାୟୀ ନୁହେ ! ସେ ଜାନୁପାତପୂର୍ବକ କରଯୋଡ଼ି ମୁକ୍ତାବାଈଙ୍କ ଆଦେଶ ଅପେକ୍ଷାରେ ରହିଲେ ।

ମୁକ୍ତାବାଈ ଏକମାତ୍ର ପୁତ୍ରର ଏ ବ୍ୟାକୁଳତାରେ ଆନନ୍ଦ ପ୍ରକାଶ କରି ତାଙ୍କୁ ତକ୍ତ ଉଠାଇ ନେଲେ । ଗୋବିନ୍ଦ କହିଲେ—"ମା' ମୁକ୍ତି ପଥର ଅନୁସନ୍ଧାନ କରିବା ପାଇଁ କେଉଁ ଗୁରୁଙ୍କ ଉପଦେ... କରିବ ? ଏ ରାଜ୍ୟରେ ସେପରି ମୁକ୍ତିକାମୀ ସାଧକ ଅଛ... ମୁକ୍ତାବାଈ କହିଲେ—"ତୁମ ରାଜ୍ୟରେ ସାଧକର ଅଭ... ହାଡ଼ିପାଙ୍କୁ ତୁମେ ଜାଣ ?" ଗୋବିନ୍ଦ କହିଲେ 'ହାଡ଼ି... ସେ ଚଣ୍ଡାଳ । ପାଇଖାନା ପରିଷ୍କାର କରିବା ତାର ବୃତ୍ତି... କିପରି ଶିକ୍ଷା ଦେଇ ପାରିବ ? ରାଜା ହୋଇ ତେବେ ସେହି ... ଗୁରୁ ପଦରେ ବରଣ କରିବ ?" ରାଣୀ ମୁକ୍ତାବାଈ ସେହିକ୍ଷଣି ହାଡ଼ି...

ଙ୍କର ପୂର୍ବ ଜନ୍ମବୃତ୍ତାନ୍ତ ବର୍ଣ୍ଣନା କରିଗଲେ । ନିଷ୍କଳଙ୍କ ମହର୍ଷି ସେ । ଯୋଗ ସାଧନରେ ସ୍ଖଳନ ଘଟିବାରୁ ତୁମକୁ ମୁକ୍ତିପଥ ଅନୁସନ୍ଧାନ କରିବାକୁ ଉପଦେଶ ଦେଇଯିବେ ଅମରଧାମକୁ । ତୁମେ ତାଙ୍କର କାର୍ଯ୍ୟାବଳୀ ଥରେ ପରୀକ୍ଷା କରିନିଅ । ଦେଖ, ଅନୁସନ୍ଧାନ କର ।



...ଦିନ ରାଜା ହାଡ଼ିପାଙ୍କ କାର୍ଯ୍ୟ କଳାପ ଲକ୍ଷ୍ୟ କରିବା ପାଇଁ ...ଦର ଗବାକ୍ଷ ଫିଟାଇ ପାଇଖାନା ଆଡ଼କୁ ଦୃଷ୍ଟି ଦେଲେ । ...ଖିଲେ—"ହାଡ଼ିପା ଗୋଟିଏ ଝୋଟକଇ ଓ କୋଦାଳ ଧରି

ତାଙ୍କର ଶିଶୁପୁତ୍ର ସହିତ ଠିଆ ହୋଇଛନ୍ତି । ଶିଶୁ ଅଳି କଲା—'ବାପା, ଏ ନଡ଼ିଆ ଗଛରୁ ମୋ ପାଇଁ ଗୋଟିଏ ପଇଡ଼ ତୋଳିଦିଅ, ମୁଁ ପିଇବି ।' ହାଡ଼ିପା ଅଦରେ ଚତୁର୍ଦ୍ଦିଗକୁ ନିରୀକ୍ଷଣ କରି ଆଦେଶ ଦେଲେ—ବୃକ୍ଷରାଜ, ଶିଶୁର କାମନା ପୂର୍ଣ୍ଣ କରନ୍ତୁ । ଦେଖୁ ଦେଖୁ ବୃକ୍ଷଟି ବାଳକ ତୁଲ୍ୟ ତାଙ୍କ ପଦତଳେ ଲୋଟି ଗଲା । ହାଡ଼ିପା ଗୋଟିଏ ଫଳ ତୋଳି ବୃକ୍ଷଟିକୁ ଫେରିଯିବାପାଇଁ ଆଦେଶ ଦେଲେ । ତା ପରେ କୋଦାଳ ଓ ଟୋକେଇ ପ୍ରତି ଆଦେଶ ହେଲା—ନିଜର କାର୍ଯ୍ୟ ସାରି ଫେରି ଆସ । ସେମାନେ ପାଇଖାନା ପରିଷ୍କାର କରି ବାହାରି ଆସିଲେ । ହାଡ଼ିପା ଚତୁର୍ଦ୍ଦିଗ ନିରୀକ୍ଷଣ କରି ଧୀରେ ଧୀରେ ନିଜ ଗୃହକୁ ଫେରିଗଲେ ।

ରାଜା ଗୋବିନ୍ଦଚନ୍ଦ୍ର ଗବାକ୍ଷ ପଥରେ ଏ ସବୁ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ । ତାଙ୍କ ରାଜ୍ୟରେ ଏପରି ଜଣେ ସିଦ୍ଧ ପୁରୁଷ ଅଛନ୍ତି ଓ ସେ ରାଜା ହୋଇ ତାଙ୍କର ଏ ଅପବ୍ୟବହାର କରୁଛନ୍ତି, ଏକଥା ଭାବି ଅନୁତପ୍ତ ହେଲେ । ହଠାତ୍ ମାତାଙ୍କ ସମୀପକୁ ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲେ । ମାତା କହିଲେ—'ତୁ ସେହି ହାଡ଼ିପାଙ୍କୁ ଗୁରୁପଦରେ ବରଣକରି ଅନିତ୍ୟ ସଂସାରରେ ଅମର ହୋଇ ରହ, ମୋର ଏହି ଆଶୀର୍ବାଦ ।'

ରାତ୍ରିର ଘନ ଅନ୍ଧକାରରେ ଧରଣୀ ମୁଖ ଆବୃତ । ନ... ବାସୀ ସମସ୍ତେ ସୁପ୍ତ । ମୁକ୍ତାବାଈ ଗୋବିନ୍ଦଙ୍କୁ ସଙ୍ଗରେ ହାଡ଼ିପାଙ୍କ କୁଟୀରରେ ଉପନୀତ ହେଲେ । ହାଡ଼ିପା ରା... ରାଜମାତାଙ୍କୁ ଦେଖି ଯୁଗପତ୍ ବିସ୍ମୟ ଓ ଆନନ୍ଦରେ ପଚାରିଲେ "ଆପଣମାନେ ଏ ଚଣ୍ଡାଳ ଗୃହରେ କାହିଁକି ?' ମୁକ୍ତାବାଈ କହିଲେ—'ସୂର୍ଯ୍ୟ ଅନ୍ଧକାର ମଧ୍ୟରେ ଆତ୍ମଗୋପନ କରିବା ଯେପରି ଅସମ୍ଭବ, ଆପଣ ସେହିପରି ଏ ରାଜ୍ୟରେ କେତେଦିନ ଛଦ୍ମ

ବେଶ ଧରି ରହିବେ ? ବର୍ତ୍ତମାନ ଗୋବିନ୍ଦଙ୍କୁ ଯୋଗ ଶିକ୍ଷା ଦିଅନ୍ତୁ । ଏ ଅନିତ୍ୟ ପାପମୟ ସଂସାରରେ ସେ ତୁମ କୃପାରୁ ଅମର ହେଉ ।”

ହାଡ଼ିପା ଅନ୍ତର୍ଯ୍ୟାମୀ ହୋଇ କହିଲେ—“କି ଦୁଃସାହସ ତୁମର ରାଣି ! ଏକମାତ୍ର ପୁତ୍ର, ପୁଣି ଏ ବିଶାଳରାଜ୍ୟ, ସୁକୁମାର ଶରୀର, ରୂପବତୀ ଓ ଗୁଣବତୀ ପରି ପତ୍ନୀ ଏମାନଙ୍କୁ ପରିତ୍ୟାଗ କରିବା ପାଇଁ ତୁମେ କିପରି ଉପଦେଶ ଦେଉଛ ? କଠିନ ଯୋଗମାର୍ଗରେ ଯେ ଦୁର୍ଗମ ସାଧନା, ଅଦ୍ଭୁତ ତ୍ୟାଗ ରହିଛି ସେ ସବୁ ଅଭ୍ୟାସ କରିବା ରାଜାଙ୍କ ପକ୍ଷେ ନିତାନ୍ତ, ଅସମ୍ଭବ । ଫେରିଯାଅ ।”

ରାଜା ଗୋବିନ୍ଦଚନ୍ଦ୍ର କର ଯୋଡ଼ି ଜଣାଇଲେ—‘ତ୍ୟାଗରେ ଶାନ୍ତି, ସାଧନାରେ ମୁକ୍ତି । ଆଉ ପ୍ରତାରଣା କରନ୍ତୁ ନାହିଁ, ସାଧନାର ଭୟ ଦେଖାଇ ସ୍ବଜନର ଦୁହାଇ ଦିଅନ୍ତୁ ନାହିଁ । ଚିରଦିନ ଅମରତ୍ୱ ଲାଭ କରି ରହିବାଠାରୁ ଏ ମାୟାମୟ ଅନିତ୍ୟ ସଂସାର କେଉଁ ଗୁଣରେ କିପରି ଶ୍ରେଷ୍ଠ ହେବ ଭାବନ୍ତୁ ।’

ରାଜାଙ୍କର ଏକନିଷ୍ଠ ମନ ଟଳିବାର ନୁହେଁ ଦେଖି ହାଡ଼ିପା [illegible] ଋଷି ଯୋଗ ମାର୍ଗର ଉପଦେଶ ଦେବାକୁ ଆରମ୍ଭ କଲେ । [illegible]ନ୍ଦ ରାଜ ପରିଚ୍ଛଦ ତ୍ୟାଗ କରି ଯୋଗୀ ବେଶରେ [illegible] ବନ୍ଦନା କଲେ । ଜନନୀ ମୁକ୍ତାବାଈ ବଜ୍ରଠାରୁ ଅଦୃଢ଼ ହୃଦୟରେ ପୁତ୍ରର ଏ ଅଦ୍ଭୁତ ପରିବର୍ତ୍ତନ ଦେଖି ଆନନ୍ଦିତ [illegible]ଲେ ଏବଂ ଆଶୀର୍ବାଦ କରି ରାଜପ୍ରାସାଦକୁ ଫେରି ଆସିଲେ ।

ପରଦିନ ପ୍ରଭାତରୁ ରାଜା ଯୋଗୀ ବେଶରେ ‘ଜାଗିଲରେ ମାତା’ ଏହା ବାଣୀ ଉଚ୍ଚାରଣ କରି ଭିକ୍ଷା ମାଗିବାକୁ ଆରମ୍ଭ କଲେ । ରାଜ୍ୟ

ହାହାକାର, କ୍ରନ୍ଦନ ରୋଳରେ, ପୂର୍ଣ୍ଣ ହେଲା । ପ୍ରଜାମଣ୍ଡଳୀ କାଷ୍ଠ ପିତୁଳାପରି ଏ ଦୃଶ୍ୟ ଦେଖି କାନ୍ଦିବାକୁ ଲାଗିଲେ । ରାଣୀମାନେ 'କେଶ ବାସ' ଅସମ୍ଭାଳରେ ରାଜାଙ୍କ ଗୁଣ ବାଖାଣି ବାଖାଣି ରାଜପ୍ରାସାଦ ମୁଖରିତ କରିଦେଲେ । କିନ୍ତୁ ଏସବୁ ଅନ୍ତରାୟ ଗୋବିନ୍ଦଙ୍କ ମନରେ ତିଳେ ହେଲେ ବାଧା ଦେଇ ପାରିଲା ନାହିଁ ।

ସେ ଗୁରୁଙ୍କ ସହିତ ଚାଲିଲେ ତୀର୍ଥାଟନକୁ । ହାଡ଼ିପା ମାର୍ଗରେ ରାଜାଙ୍କୁ ଯୋଗର ଯାବତୀୟ ତତ୍ତ୍ୱବିଚାର ଶିକ୍ଷାଦେଇ ପରୀକ୍ଷା କରିବା ପାଇଁ ଗୋଟିଏ ବେଶ୍ୟାଳୟରେ ଛାଡ଼ି କୈଳାସ ଗମନ କଲେ । ଏହିଠାରେ ଗୋବିନ୍ଦଙ୍କର କଠିନ ପରୀକ୍ଷା ଆରମ୍ଭ ହେଲା । ବେଶ୍ୟାର ଢଳ ଢଳ ଯୌବନ, ତରଳ କଟାକ୍ଷ, ନାନା ପ୍ରଲୋଭନ କିନ୍ତୁ ତାଙ୍କୁ ଭୁଲାଇ ପାରିଲା ନାହିଁ । ଚତୁର୍ମାସ୍ୟା ପରେ ହାଡ଼ିପା ଫେରିଲେ । ବେଶ୍ୟା ତାଙ୍କର ପଦ ବନ୍ଦନା କରି ଗୋବିନ୍ଦଙ୍କ କଠୋର ସାଧନା, ଏକାନ୍ତ ନିଷ୍ଠାର ଯଥେଷ୍ଟ ପ୍ରଶଂସା କଲା ।

ହାଡ଼ିପା କହିଲେ—'ପୁତ୍ର, ତୁମର ପରୀକ୍ଷା ଶେଷ ହୋଇଛି, ସାଧନାର ଫଳ ଫଳିଛି । ଏବେ ଚାଲ ମାତୃ ଦର୍ଶନ କରିବ । ଗୋବିନ୍ଦ ଆନନ୍ଦରେ ଗୁରୁଙ୍କୁ ଅନୁସରଣ କରି ଫେରିଲେ, ପୁତ୍ରବତ୍ସ... ମୁକ୍ତାଦେଇ ବହୁଦିନପରେ ପୁତ୍ରକୁ ଦେଖି ଆନନ୍ଦିତ ହେ... ତାଙ୍କର ପୁତ୍ର ଯୋଗୀ ହୋଇ, ଏ ପାପମୟ ସଂସାରରେ ... ଲାଭ କରିପାରିଛି ଭାବି, ସେ ପରମ ଆହ୍ଲାଦିତ ହେ... ପୁତ୍ରର ଶେଷ ପରୀକ୍ଷା ପାଇଁ କେବଳ ମୁଠାଏ ଅନ୍ନ ଆଣିଦେ... ଗୋବିନ୍ଦ ତାହା ଭୋଜନ କରିବା ପୂର୍ବରୁ ଟିକିଏ ଲୁଣ ପ୍ରାର୍ଥନା କଲେ ।

ରାଣୀ ହାଡ଼ିପାଙ୍କୁ କହିଲେ—'ଗୁରୁଦେବ, ଗୋବିନ୍ଦର ତ ରସନା ସଂଯତ ହୋଇ ନାହିଁ ? ସେ ଆଉ ଯୋଗୀ ହେଲା କିପରି ?' ହାଡ଼ିପା ଉତ୍ତର ଦେଲେ—'ଭୟ ନାହିଁ, ରାଣି । ସାମାନ୍ୟ ପରିବର୍ତ୍ତନ ଯେ ହୋଇ ନପାରନ୍ତି ସେଥି ପାଇଁ ତୁମେ ଦୁଃଖିତ ହୁଅନାହିଁ । ଗୋବିନ୍ଦ ଜନ୍ମ ମୁକ୍ତ ହୋଇଛି, ମୁଁ ଏବେ ଗଲିଲି ।'

ପରମ ଗୁରୁ ହାଡ଼ିପାଙ୍କ ଆଶୀର୍ବାଦରୁ ରାଜା ଗୋବିନ୍ଦଚନ୍ଦ୍ର ଆଜି ଅମର । ଜନଶ୍ରୁତି କହେ— ଗୋବିନ୍ଦ ଦ୍ୱାଦଶୀଦିନ ପୁରୀରେ ଯେଉଁ ସମୁଦ୍ର ସ୍ନାନ ହୁଏ, ସେଠାକୁ ସେ ଆସନ୍ତି । ଓଡ଼ିଶାର ଗ୍ରାମେ ଗ୍ରାମେ ଯୋଗୀ କେନ୍ଦରା ବଜାଇ ତାଙ୍କର ଅମର କାହାଣୀ ଗାଇ ବୁଲନ୍ତି ।

"କେତେ ହାତୀ ଘୋଡ଼ା କେତେ ପାଠ ଯୋଡ଼ା ଚଢ଼ାହାର ବାପର- ଥିଲା, ମରି ଗଲା ବେଳେ ଗୋବିନ୍ଦଚନ୍ଦ୍ରେ ଛୁଡ଼ାପଲଙ୍କରେ ଗଲା ।"

ଗୁରୁଦେବ

ସମଦର୍ଶୀ ମହାପୁରୁଷମାନଙ୍କ ମତରେ ଭେଦାଭେଦର ମାନ୍ୟତା ନାହିଁ । ସେମାନେ କେବଳ ଲୋକର ବିଦ୍ୟା ଓ ... ୟର ପୂଜକ । ପୁରାଣରେ ଏ ସବୁର ଯଥେଷ୍ଟ ଉଦାହରଣ ...

... ଦିନେ ମହର୍ଷି ବ୍ୟାସଦେବ ବାରାଣସୀ ନିକଟସ୍ଥ କୌଣସି ...ୟରେ ଭ୍ରମଣ କରୁଥିଲେ । ପ୍ରକୃତିର ବିଚିତ୍ର ସୌନ୍ଦର୍ଯ୍ୟରେ ...ଳ ହୋଇ ସେ ପ୍ରତ୍ୟେକ ପତ୍ର, ପୁଷ୍ପ, ଫଳ, ବୃକ୍ଷ, ଲତାରେ

ଯେ ଅନାଦି ଅନନ୍ତ ପରମେଶ୍ୱରଙ୍କର ଅଦ୍ଭୁତ ଶକ୍ତି ପ୍ରକଟିତ ହୋଇଛି, ତାହା ଅନୁଭବ କରି ଆନନ୍ଦିତ ହେଉଛନ୍ତି; ହୃଦୟର ଅନ୍ତରତମ ପ୍ରଦେଶରୁ ଅନର୍ଗଳ ଭାବରେ ଭଗବତ୍ ସ୍ତୁତି ଉଚ୍ଛୁଳି ପଡ଼ୁଛି । ସେଥିରେ ବନଭୂମି ପ୍ରତିଧ୍ୱନିତ ହେଉଛି । ଧୀରେ ଧୀରେ ବ୍ୟାସ ସେଇ ଅରଣ୍ୟ ପଥରେ ଯେପରି କୌଣସି ଅଜଣା ରାଜ୍ୟକୁ ଲକ୍ଷ୍ୟ କରି ଗଲୁଛନ୍ତି । ନିକଟରେ ଗୋଟିଏ ସମତଳଭୂମି ପଡ଼ିଲା । ତାର ଏକପାର୍ଶ୍ୱରେ ଗିରିନଦୀ କଳକଳ ନାଦରେ ପ୍ରବାହିତ ହେଉଛି । ସେହି ନଦୀ କୂଳରେ ବିଶାଳ ଖର୍ଜୁରି ବୃକ୍ଷର ବନ ।

ବ୍ୟାସ ଦେଖିଲେ ସେଇ ବଣ ଭିତରେ ଜଣେ ଶିଅଳ । ତା ଆଦେଶରେ ବୃକ୍ଷ ଗୁଡ଼ିକ ଆପେ ଆପେ ନଇଁ ପଡ଼ୁଛନ୍ତି । ସେ ସେଥିରୁ ରସ ବାହାରି କରି ନେଇ ଯାଉଛି । ଅନ୍ତରାଳରୁ ଏ ଦୃଶ୍ୟ ବ୍ୟାସଙ୍କ ମନରେ ଯୁଗପତ୍ ଆନନ୍ଦ ଓ ବିସ୍ମୟ ସୃଷ୍ଟି କଲା । ଋଷିମଣ୍ଡଳୀ ମଧ୍ୟରେ ସେ କେବେ ଏପରି ଅଦ୍ଭୁତ ସାଧନା ଦେଖି ନାହାନ୍ତି । କି ଆଶ୍ଚର୍ଯ୍ୟ ! ଅନାଦୃତ ଶିଅଳର କି ଗଭୀର ପାଣ୍ଡିତ୍ୟ ! କି ଅଦ୍ଭୁତ ବିଚକ୍ଷଣତା ! ବ୍ୟାସ ଧୀରେ ଧୀରେ ତା ନିକଟରେ ଉପସ୍ଥିତ ହେଲେ । ତାଙ୍କ ପଦ ଧ୍ୱନି ବାରି ଶିଅଳ ପଛକୁ ଅନାଇ ଦେଖିଲା ମହର୍ଷି । ଭୟ ଓ ଭକ୍ତିରେ ସ୍ୱତଃ ତାର ମସ୍ତକ ନ ହୋଇ ପଡ଼ିଲା ।

ବ୍ୟାସ ପ୍ରଶ୍ନ କଲେ—'ତୁମେ ହୀନ ଜାତି ହେଲେ ହେଲା, ସମକାଳୀନ ମହର୍ଷିମାନଙ୍କ ଅପେକ୍ଷା ତୁମର ସାଧ ଉଚ୍ଚରେ । ସମାଜରେ ତୁମର ସ୍ଥାନ ସେମାନଙ୍କ ତୁଳନାରେ ନୀଚତର ନୁହେଁ । ଏଥି ଲାଗି ଯୋଗୀ, ଋଷି, ସନ୍ନ୍ୟାସୀ ପ୍ରଭୃ ତୁମକୁ ପୂଜା କରିବା ଉଚିତ ।'

ଉପ୍ପୃରେ ଶିଅଳର ଆପଦମସ୍ତକ କଂପି ଉଠିଲା ସେ ଅନୁଭବ କଲା—ଯେପରି ଏ ଧାରା ପୃଥିବୀ କଂପି ଉଠୁଛି । ଆକାଶ ତାର ମସ୍ତକଉପରେ ଭାଙ୍ଗି ଅଜାଡ଼ି ହୋଇ ପଡ଼ୁଛି । ସେ ବ୍ୟାକୁଳ କଣ୍ଠରେ ପ୍ରାର୍ଥନା କଲା—'ଆପଣ କିଏ ? ସୁରା ସଂଗ୍ରହ ଯାହାର ବ୍ୟବସାୟ, ସେଇ ହୀନ ଶିଅଳଟାକୁ ଆପଣ କାହିଁକି ବଡ଼ ରୂପରେ ଏତେ ପ୍ରଶଂସା କରି ଯାଉଛନ୍ତି । ଏ କଣ ଆଶୀର୍ବାଦ ନା ଅଭିଶାପ ? କ୍ଷମା କରନ୍ତୁ । ଏ ହେୟ, ଘୃଣ୍ୟ ଜାତିର ସମାଜରେ ସ୍ଥାନ ନାହିଁ ।'

ବ୍ୟାସ ଉତ୍ତର ଦେଲେ—'ସମାଜର ଯେ ଚୈତନ୍ୟ ନାହିଁ, ତା ଭାବୁଛ କାହିଁକି ? ପଣ୍ଡିତମାନେ ହିଁ ପଣ୍ଡିତକୁ ଚିହ୍ନି ପାରନ୍ତି । ସମାଜରେ ପ୍ରକୃତ ପଣ୍ଡିତର ସଂଖ୍ୟା ଖୁବ୍ ଅଳ୍ପ । ଯୁଗେ ଯୁଗେ ଗୁଣୀ ଗୁଣର ଉପାସନା କରି ଆସିଛି । ତା ନିକଟରେ ଏ ପ୍ରକାର ସଂକୀର୍ଣ୍ଣତାର ସ୍ଥାନ ନାହିଁ । ଦଳଗତ କ୍ଷୁଦ୍ର କ୍ଷୁଦ୍ର ସମସ୍ୟା ନେଇ ଅକାରଣ ସମୟ ନଷ୍ଟ କରିବା ଉଚିତ ନୁହେଁ । ଏ ପୃଥିବୀରେ ଯେ ସବୁ ମହାନ୍ ଆଦର୍ଶ ପଡ଼ି ରହିଛି ତାର ପୂଜା କରିବାକୁ ହେବ ।'

ଶିଅଳ କହିଲା—'ମହର୍ଷି, ଆପଣ ମନୁଷ୍ୟ ନୁହନ୍ତି । ...ର ଶୂନ୍ୟ ବାଣୀ ପରି ଆପଣ ଯେ ଆଦେଶ ପ୍ରଚାର ... ତାହା କେତେଜଣ ଗ୍ରହଣ କରିବେ ?' 'ଜାଣିରଖ, ...ବିତ ଥିବା ଯାଏ, ଏ ସଂକୀର୍ଣ୍ଣତାକୁ ପ୍ରଶ୍ରୟ ଦେଇ ପାରିବ ...ଏ ଭେଦ ଭାବର ବକ୍ଷ ଦନ୍ତ ଭାଙ୍ଗି ଦେବାକୁ କୁଣ୍ଠିତ ନାହିଁ'—କ୍ରୋଧଜର୍ଜରିତ ନେତ୍ରରେ ମହର୍ଷି ତର୍ଜନୀ ...ଶ କରି ଏଇ ବଜ୍ର ବାଣୀ ଘୋଷଣା କଲେ । ଶିଅଳ

ମୃଣାଳର ହାସ୍ୟର କ୍ଷୀଣରେଖା ଫୁଟି ଉଠିଲା । ସେ ପ୍ରଶ୍ନ କଲା—'ତେବେ ଆପଣ କି ଆଦେଶ ଦେଉଛନ୍ତି ! ଏ ଜାତିର ସଂସ୍କାର ପାଇଁ କି ଚେଷ୍ଟା କରୁଛନ୍ତି !'

ବ୍ୟାସ କହିଲେ—'ମୁଁ ଚେଷ୍ଟା କରିବି କଅଣ ? ଆଜି ତୁମର ଏଇ ଅଦ୍ଭୁତ ସାଧନା ମୋ ମନରେ ଯୁଗାନ୍ତର ଆଣିଛି । ତୁମେ ଶିଅଳ ହୋଇ ଏଇ ଜଡ଼ ବସ୍ତୁରେ ଯେ ଚେତନା ଆଣି ପାରିଛ । ଏହା ଅତି ଆଶ୍ଚର୍ଯ୍ୟର ବିଷୟ । ଶତ୍ ଶକ୍ତି ତୁମର ଅଧୀନସ୍ଥ ହୋଇ ରହିଛି । ତାର ବଳରେ ତୁମେ ବୃଷ) ସୁଦ୍ଧା ନିଜର ଦାସତ୍ୱ ବନ୍ଧନରେ ବାନ୍ଧି ପାରିଛ ? କେଉଁ ମହର୍ଷି ଏହା କରି ପାରେ ? ଶତ ଶତ ଋଷି ମନ୍ତ୍ରଜୀବୀ ବ୍ରହ୍ମର୍ଷି ସାଧନା ତୁମ ନିକଟରେ ନତମସ୍ତକ ହୋଇଯିବ । ତୁମେ ପତିତ ନୁହଁ, ଯେ ତୁମକୁ ପତିତ ବୋଲି ଘୃଣା କରେ, ବିଦ୍ରୂପ କରେ ସେ ନରକର କୀଟଠାରୁ ଅଧିକ ଘୃଣ୍ୟ । ମୋର ଅନୁରୋଧ ରକ୍ଷା କରି ପାରିବ ?'

ବନ୍ଧୁରୂପୀ ମହର୍ଷି ବ୍ୟାସଦେବଙ୍କର ଅନୁରୋଧ କି କଠୋର, କି ଦାରୁଣ ହୋଇ ନପାରେ ? ଭକ୍ତି ଶିଅଳ ପ୍ରମାଦ ଗଣିଲା । ସେ କଅଣ ଉତ୍ତର ଦେବ ଠିକ୍ କରି ପାରିଲା ନାହିଁ । ପରେ ବିନୀ ସ୍ୱରରେ ଉତ୍ତର ଦେଲା—"ଦେବତାର ଏ ସ୍ଥର କୀଟ ପ୍ରତି ଅନ କଅଣ ! ଆଦେଶ ଦିଅନ୍ତୁ ।" ବ୍ୟାସଦେବ ମୃଦୁହାସ କହିଲେ—'ତୁମର ଏ ମନ୍ତ୍ର ସାଧନା ମୋତେ ମୁଗ୍ଧ କରି ଯାହାବଳରେ ତୁମେ ବୃଷ ଲତାଦିଙ୍କୁ ସୁଦ୍ଧା ଆପଣାର କରି ଦାସପରି ନିଜର ପଦତଳେ ଖଟାଇ ପାରୁଛ । ସେଇ ସାଧନ ମୋତେ ଉପଦେଶ ଦେଇପାରିବ ? ମୋତେ ଶିଷ୍ୟରୂପେ କରି ପାରିବ ?'

ଶିଅଲ ଏ କଠୋର ପରୀକ୍ଷାରେ କର୍ତ୍ତବ୍ୟ ଅବଧାରଣ କରି ପାରିଲେ ନାହିଁ । ସେ ହତବୁଦ୍ଧିମାନ ମୂକ, ନିର୍ଜୀବ । ବ୍ୟାସ ତାର ଶିଷ୍ୟତ୍ୱ ପାଇଁ ଲାଳାୟିତ ! କି ଅଘଟଣ !

ବ୍ୟାସ କହିଲେ—'ଭୟର କାରଣ କିଛି ନାହିଁ; ସରଳଭାବରେ ମୋତେ ଆଦେଶ ଦିଅ ।' ଶିଅଲ କହିଲା—'ମୋ ପିତାଙ୍କର ଆଦେଶ ନୋହିଲେ ମୁଁ ଆପଣଙ୍କ ସହିତ ଏକମତ ହୋଇ ପାରିବି ନାହିଁ । ଚାଲନ୍ତୁ ମୋ କୁଟୀରକୁ । ସେଇଠାରେ ଏ ସମସ୍ତ ବିଷୟ ମୀମାଂସା କରିବା ।'

ବ୍ୟାସ କୌଣସି ପ୍ରତିବାଦ ନକରି ଶିଅଲର ଅନୁସରଣ କଲେ । ଘୋର ଅରଣ୍ୟରେ ଦୁଇଟି ବିଶାଳ ପର୍ବତ ମଧ୍ୟରେ ଶିଅଲର କୁଟୀର । ପିତା ବୃଦ୍ଧ, ଜରାଜୀର୍ଣ୍ଣ । ବୃଦ୍ଧା ମାତା; ବୃଦ୍ଧ ଶିଅଲ ପୁତ୍ରର ଆଗମନରେ ଆନନ୍ଦ ପ୍ରକାଶ କରି ବିଳମ୍ବର କାରଣ ପଚାରିବା ପାଇଁ ଉଦ୍ୟତ—ଏହି ସମୟରେ ବ୍ୟାସଙ୍କ ଉପରେ ତାର ଦୃଷ୍ଟି ପଡ଼ିଲା । ସେ ସାଷ୍ଟାଙ୍ଗ ପ୍ରଣିପାତ କରି ପ୍ରଶ୍ନ କଲା—'କି ଭାଗ୍ୟ ମୋର । ସାକ୍ଷାତ ନାରାୟଣରୂପୀ ମହର୍ଷିବର ବ୍ୟାସ, ଆଜି ମୋ ଦ୍ୱାରରେ ?' ବ୍ୟାସ ହସି ହସି ଆଶୀର୍ବାଦ କଲେ—ଆସିବାର [illegible] ମଧ୍ୟ ଜଣାଇ ଦେଲେ ।

[illegible] ଶିଅଲର ଆପାଦ ମସ୍ତକ କମ୍ପି ଉଠିଲା । ସେ ଭୟବିହ୍ୱଳ [illegible] ଚକାଇଲା—"ଛି, ଛି ଏ ଜୀବନରେ ଯାହାଙ୍କର ପୂଜା [illegible] ନାହିଁ, ସେ ପୁତ୍ରର ଶିଷ୍ୟତ୍ୱ ବରଣ କରିବାକୁ ଇଚ୍ଛୁକ ! [illegible] କଥା !" ବ୍ୟାସ ଉତ୍ତରଦେଲେ—"ଜଗତରେ ଅସମ୍ଭବ କିଛି ନାହିଁ । ତୁମେ ଯାହାଙ୍କୁ ନୀଚ, ହୀନ ବୋଲି ମନେ [illegible] ଦମ୍ଭ ଭିତରେ ଜଗଦ୍‌ବାସୀ ତାର ଉପାସନା କରିପାରିବେ ।